

aahwaan
Vol:2 Issue: 9
October, 2007
ଆହ୍ୱାନ
ଅକ୍ଟୋବର, ୨୦୦୭
ଡା ଜ୍ୟୋତି ପ୍ରସାଦ ପଟନାୟକ
ଏମ୍‌ବିବିଏସ୍, ଡିଏମ୍‌ସିଏଚ୍
PDF
Adobe
e-Book

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ନବମ ସଂଖ୍ୟା
Vol: 2 Issue: 9
October, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

# ଆହ୍ୱାନ

## ଏହି ସଂସ୍କରଣରେ ରହିଛି


| | |
|---|---|
| ସଂପାଦକୀୟ | ୧ |
| ଶ୍ରୀ ଦୁର୍ଗା | ୩ |
| ଆମ ଗାଁ ହାଲ୍‌ଚାଲ | ୫ |
| ବର୍ଷା ଓ ଶ୍ୟାମଳି ଦାସ | ୮ |
| ଜାମୁ, ବର୍ଷା ଓ ମହାନ୍ତି ଝିଅ | ୯ |
| ନାୟକ ବର୍ଷା | ୯ |
| ବର୍ଷା | ୧୦ |
| ବରଷା ଗୋ | ୧୧ |
| ବର୍ଷା ଓ ତା'ପରେ | ୧୩ |
| ବ୍ରହ୍ମ ଚାପୁଡା | ୧୪ |
| ଧାରଣା | ୧୭ |
| ବତୁରା ଚାଉଳ | ୨୦ |
| ଉତ୍ତରଣ | ୨୧ |
| ବାହାନା | ୨୨ |
| ଅବଶ୍ୟ | ୨୪ |
| ବର୍ଷା ତୁମେ ଫେରିଯାଅ | ୨୫ |


Contact Me Here
ଡା ଜ୍ୟୋତି ପ୍ରସାଦ ପଟନାୟକ
ଏମ୍ ବି ବି ଏସ୍, ଡି ଏମ୍ ସି ଏଚ୍

ବୀମା ନଗର, ଆମ୍ବପୁଆ ମେଇନ୍ ରୋଡ୍
ବ୍ରହ୍ମପୁର, ୭୬୦୦୧୦, ଓଡିଶା
ଫୋନ୍: ୦୬୮୦-୩୨୯୬୫୩୨
ମୋବାଇଲ୍: ୦୯୮୬୧୯୬୨୧୬୦
aahwaan@gmail.com

## ସଂପାଦକୀୟ



ଚଳିତ ମାସର ସଂସ୍କରଣକୁ ଅନାବରଣ କଲାବେଳେ ଭାରି ଖୁସି ଲାଗୁଛି, ଏବଂ ଏହା ସହିତ ଦୁଃଖ ବି ଲାଗୁଛି । ବିଶ୍ୱ ଟ୍ୱେଣ୍ଟି୨୦ କପ୍ ବିଜେତା ଭାରତୀୟ ଦଳ ନିଶ୍ଚୟ ଭାବରେ ୧୯୮୩ପରେ ୨୪ ବର୍ଷର ଅନ୍ତରାଳରେ ଆମ ଦେଶକୁ ପୁନଶ୍ଚ ସମ୍ମାନର ଅଧିକାରୀ କରାଇ ପାରିଛନ୍ତି, କିନ୍ତୁ ହକି ପରି କ୍ରୀଡାର ଜନ୍ମଦାତ୍ରୀ ଏହି ମହାନ ଧରିତ୍ରୀରେ ହକି ଖେଳାଳୀ ମାନଙ୍କ ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ ନିଶ୍ଚୟ ଅନେକ ଭାରତୀୟଙ୍କ ମନକୁ ଆହତ କରିଥିବ । ଚଳିତ ବର୍ଷ କ୍ରୀଡା କ୍ଷେତ୍ରରେ ଭାରତୀୟଙ୍କ ଉନ୍ନତ ପ୍ରଦର୍ଶନର ବର୍ଷଥିଲା । ଏହା ମାତ୍ର ଏକ ସଂଯୋଗ ହୋଇପାରେ କି ବଲିଉଡ୍‌ର ବାଦଶାହ ଶାହରୁଖ୍ ଖାନ୍‌ଙ୍କ ଅଭିନିତ 'ଚକ୍‌ଦେ ଇଣ୍ଡିଆ' ଭଳି ଏକ ଅଣ-ବ୍ୟବସାୟିକ ଚଳଚ୍ଚିତ୍ର ଭାରତୀୟ ମହିଳା ହକିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ନିର୍ମାଣ ହୋଇଥିଲେ ବି ସଂପ୍ରତି ସମାପିତ ବିଶ୍ୱ ଟ୍ୱେଣ୍ଟି୨୦ କ୍ରିକେଟ୍ ସମୟରେ ଏହି ଶବ୍ଦର ବହୁଳ ବ୍ୟବହାର ଦେଖିବାକୁ ମିଳିଥିଲା । ଏସିଆ କପ୍‌ରେ ଆଶାନୁରୂପ ଭାବରେ କ୍ରୀଡାନୈପୁଣ୍ୟ ପ୍ରଦର୍ଶନ କରିବା ଏବଂ ଅନେକ ବର୍ଷ ପରେ ଏହି ସମ୍ମାନିତ କ୍ରୀଡା ପ୍ରତିଯୋଗିତାକୁ ଜିତି ଭାରତକୁ ଫେରିଥିବା ଭାରତୀୟ ହକିଦଳକୁ ଯେମିତି ଥଣ୍ଡା ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା, ତାହା ବୋଧହୁଏ ଅନେକେ ଭୁଲିଯାଇ ଥାଆନ୍ତେ, କିନ୍ତୁ କ୍ରିକେଟ୍ ଜିତି ଫେରିଥିବା ଯୁବା କ୍ରିକେଟ୍ ଦଳକୁ ଦିଆଯାଇଥିବା ଭବ୍ୟ ସମ୍ବର୍ଦ୍ଧନା ପରେ ହକି ଖେଳାଳୀମାନେ ଅନୁତ୍ସାହିତ ହୋଇଥିବା ସ୍ପଷ୍ଟ ପରିଲକ୍ଷିତ ହୋଇଥିଲା, ସମ୍ଭବତଃ ଏଇଥିପାଇଁ ଅନେକ ଖେଳାଳୀ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଉପବାସ ଓ ଧାରଣା ଦେବା ପର୍ଯ୍ୟନ୍ତ କଥା ଯାଇଥିଲା ।

ବିଶ୍ୱ ଟ୍ୱେଣ୍ଟି୨୦ କ୍ରିକେଟ୍ ବିଜୟୀ ଭାରତୀୟ ଦଳର ପ୍ରତ୍ୟେକ ଖେଳାଳୀଙ୍କୁ କୋଟିଏ ପାଖାପାଖି ପୁରସ୍କାର ଓ ପ୍ରୋତ୍ସ

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ନବମ ସଂଖ୍ୟା
Vol: 2 Issue: 9
October, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ୱାନ

।ହନ ରାଶି ମିଳିଥିବା ବେଳେ, ହକି ଖେଳାଳୀ ମାନଙ୍କୁ ମାତ୍ର ଦୁଇ ଲକ୍ଷ ଟଙ୍କା ଲେଖାଏ ଦେଇ ଶାନ୍ତ କରିବା ଉପାୟ ଆମର ସରକାରଙ୍କ କ୍ରୀଡାପ୍ରତି ଥିବା ଉଦାସୀନତାକୁ ଦର୍ଶାଉଥିଲା ଯାହା।

ବିଶ୍ୱକପ୍‌ରୁ ସଦ୍ୟ ଫେରିଥିବା କ୍ରିକେଟ୍ ଖେଳାଳୀ ମାନଙ୍କ ଭବ୍ୟ ସ୍ୱାଗତ ପାଇଁ ଯଦ୍ୟପି କୌଣସି ଜିନିଷ ଅଭାବ ନଥିଲା, ତଥାପି ୱାନ୍‌ଖାଡେ ଷ୍ଟାଡିୟମ୍‌ରେ ଏହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିବାପାଇଁ ଜମା ହୋଇଥିବା ଭିଡ ମଞ୍ଚ ଉପରେ ପ୍ରଥମ ଧାଡିରେ କେବଳ ମନ୍ତ୍ରୀ ଓ ସରକାରୀ ପଦବୀଯୁକ୍ତ ବ୍ୟକ୍ତିଙ୍କୁ ଦେଖି ଆମ ଖେଳ ଓ ଖେଳାଳୀଙ୍କ ଦଶା ହୃଦୟଙ୍ଗମ କରିଥିବେ ନିଶ୍ଚୟ। ବିଶ୍ୱ ବିଜୟୀ ଆମର ଖେଳାଳୀ ମାନଙ୍କୁ ପଛରେ ଠିଆ କରାଇ ଆମର ମନ୍ତ୍ରୀମାନେ ବାହାସ୍ଫୋଟ ମାରିଥିଲେ। ଏପରିକି ଏହି ସମ୍ବର୍ଦ୍ଧନା ସଭାକୁ ଆମର ପ୍ରାକ୍ତନ ବିଶ୍ୱବିଜେତା ମାନଙ୍କୁ ନିମନ୍ତ୍ରଣ କରିବା କଥା ବି ଭୁଲିଗଲେ ଏହି ମନ୍ତ୍ରୀ ଓ ଉଚ୍ଚପଦସ୍ଥ କର୍ମଚାରୀମାନେ।

ଚଳିତ ଋତୁରେ ଭାରତଭୂମିରେ ଖୋଦ୍ ଭାରତ ଓ ଅଷ୍ଟ୍ରେଲିଆ ଭିତରେ ହେବାକୁଥିବା ଦିନିକିଆ କ୍ରିକେଟ୍ ସିରିଜ୍‌ରେ ଭାରତୀୟମାନଙ୍କ ଶୋଚନୀୟ ପରାଜୟ ଦେଖିବା ଲୋକ ମନେ ମନେ ଚିନ୍ତା ଅବଶ୍ୟ କରୁଥିବେ, ଏହିମାନେ କ'ଣ ସେହି ଖେଳାଳୀ ଯେଉଁମାନେ ବିଶ୍ୱକୀର୍ତ୍ତିମାନ ସ୍ଥାପିତ କରିଥିଲେ। କ'ଣ ସେମାନେ ଖେଳକୁ ଖେଳ ଭାବରେ ଖେଳିଥିଲେ, ନା ପଇସା ପାଇଁ ଖେଳିଥିଲେ?

ଏହି ବର୍ଷ ହିଁ ବିଶ୍ୱ ଚେସ୍ ଚଂପିୟାନ୍ ହେବାପରେ ବିଶ୍ୱନାଥନ୍ ଆନନ୍ଦ ଏମିତି କହୁକହୁ କହିଦେଇଥିଲେ, ଦେଖିବା ମୁଁ ଭାରତକୁ ଫେରିବା ସମୟରେ ମୋତେ କେମିତି ସ୍ୱାଗତ ହେଉଛି, ଆମେ କେବଳ ଏତିକି କହିଦେଇ ପାରିବା, ଆନନ୍ଦ ବାବୁ ଭାରତ କ୍ରିକେଟ୍ ଖେଳି ଗୋଟିଏ ବର୍ଷରେ ଛଅ ଶହ କୋଟି ଟଙ୍କାର ଲାଭ କରାଇଛି, ତେଣୁ ସେହି ଖେଳାଳୀ ମାନଙ୍କୁ ସ୍ୱାଗତ ନିଶ୍ଚୟ ଭାବରେ ସେହିପରି ଦିଆଯିବ। ଆପଣ ପୁରସ୍କୃତ ହେଲେ ବି ଏଥିରେ ଦେଶକୁ ଗୋଟିଏ ବି ମୁଦ୍ରା ମିଳିଲା ନାହିଁ, କିଏ କାହିଁକି ଆପଣଙ୍କୁ କୋଟିଏ ଟଙ୍କା ଉପହାର ଦେବ ଅଥବା ଘରଟିଏ ଦେବ?

ଏହି ବର୍ଷ କିସ୍ ରଗବୀ କ୍ରୀଡାରେ ଆମର ରାଜ୍ୟର ଯୁବ କ୍ରୀଡା ଦଳ ସୁଦୂର ବିଦେଶରେ ବିଶ୍ୱବିଜେତା ହେବାର ଖ୍ୟାତି ଅର୍ଜନ କରି ନିକଟରେ ଫେରିଥିଲେ, ଅବଶ୍ୟ ସେମାନଙ୍କୁ ଉପହାରରେ ଟଙ୍କା କିଛି ମିଳିଲା ନାହିଁ, କିନ୍ତୁ ରାଜ୍ୟ ସରକାରର କିଛି ମନ୍ତ୍ରୀ ସେମାନଙ୍କୁ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହି ସ୍ୱାଗତ କରିଥିଲେ, ସେମାନଙ୍କ ନାମ ଆମକୁ ବି ଜଣାନାହିଁ। ଏହା ହେଉଛି ଏହି ମହାନ ଦେଶର ମହାନତା। ଯିଏ ଅଧିକ ଧନୀ ତାହାକୁ ସମସ୍ତେ ମାନିବେ, ନଚେତ୍ ନାହିଁ।

ଏହି ସଂସ୍କରଣରେ ଆମେ ସ୍ଥାନ ଦେଇଛୁ ପୁଣିଥରେ ବର୍ଷା ଓ ବର୍ଷା ବିଷୟ ସମ୍ବଳିତ ଅନେକ ଲେଖା। ଯଦିଓ ବର୍ଷାଋତୁ ସମାପ୍ତ ହେବାକୁ ଆସିଲାଣି, ତଥାପି ଲେଖକ ଓ କବି ମନରେ ଉହାଟ ମାରୁଥିବା ଏହି ବିଶେଷ ଋତୁର କିଛି ବିଶେଷ ଲେଖାକୁ ଆମେ ସ୍ଥାନ ଦେଇଛୁ, ଆଶା ଆପଣଙ୍କ ମନକୁ ପୁଣିଥରେ ବର୍ଷାର ଏହି ଆଗମନ ଓଦା ଅବଶ୍ୟ କରିଦେବ।

ଏମିତି ଅନେକ କଥା ଓ ଅନ୍ୟଥା ଚିନ୍ତା ଭିତରେ ଆମେ ଉପସ୍ଥାପନ କରୁଛୁ ଅକ୍ଟୋବର ମାସର ଆହ୍ୱାନ। ଏହି ସଂସ୍କରଣ ସହିତ ଆପଣ ଲକ୍ଷ୍ୟ କରିଥିବେ ଆମର ୱେବ୍‌ସାଇଟ୍‌ରେ ପରିବର୍ତ୍ତନ। ଆମର ନୂତନ ୱେବ୍‌ସାଇଟ୍ କେମିତି ଲାଗିଲା ନିଶ୍ଚୟ ଲେଖି ଜଣାଇବେ। ଚଳିତ ମାସରୁ ଆମର ପ୍ରତ୍ୟେକ ନୂତନ ସଂସ୍କରଣକୁ ଡାଉନ୍‌ଲୋଡ୍ କରିବା ପାଇଁ ଏକ ନୂତନ ପୃଷ୍ଠାର ସୃଷ୍ଟି କରାଯାଇଛି। ବିଗତ ଦୁଇଥର ପରି ଏହି ସଂଖ୍ୟାରେ ଆପଣଙ୍କୁ କୌଣସି ଜଟିଳ ଫର୍ମ ପୂରଣ କରିବା ପାଇଁ କୁହାଯାଇନାହିଁ, ଏହାର କାରଣ ଆମ ୱେବ୍‌ସାଇଟ୍‌ରେ ବ୍ୟବହୃତ ହୋଇଥିବା ଉଚ୍ଚ ଟେକନିକ୍ ଲାଙ୍ଗୁଏଜ୍ ଯାହାଦ୍ୱାରା ଆମେ ପ୍ରତ୍ୟେକ ବ୍ୟକ୍ତିଙ୍କ କଂପ୍ୟୁଟରର ଠିକଣା ନିଜ ପାଖରେ ସଂରକ୍ଷିତ କରିପାରୁଛୁ।

ଏହି ସଂସ୍କରଣରେ ଆମେ ସଂକ୍ଷିପ୍ତରେ ଦେଇଛୁ ବିଗତ ଦୁଇବର୍ଷର ଆହ୍ୱାନ ନିମନ୍ତେ ହୋଇଥିବା ବିଭିନ୍ନ ଖର୍ଚ୍ଚର

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ନବମ ସଂଖ୍ୟା
Vol: 2 Issue: 9
October, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

ବିବରଣୀ, ଏବଂ ଏହାସହିତ ଆମେ ସ୍ୱାଗତ କରୁଛୁ ପାଠକ ପାଠିକାମାନଙ୍କ ନିକଟରୁ ମନ୍ତବ୍ୟ ଓ ସାହାଯ୍ୟ, ଏହି ପତ୍ରିକାକୁ ଆଗାମୀ ଦିନରେ ଏହିପରି ପ୍ରକାଶିତ କରିବାପାଇଁ। ଯଦି କୌଣସି ସହୃଦୟ ପାଠକ କିମ୍ବା ପାଠିକା ଏହି ପତ୍ରିକାର ପ୍ରସାରଣରେ ସହଭାଗୀ ହେବାକୁ ଚାହାନ୍ତି, ତେବେ ସେ ଏଇଥି ପାଇଁ ଆମକୁ ସାହାଯ୍ୟ କରିପାରିବେ, ଏହା ଆର୍ଥିକ ସାହାଯ୍ୟ ହୋଇପାରେ, କିମ୍ବା ଯଦି ଆପଣଙ୍କ ପାଖରେ ଓଡିଆ ଭାଷାଭାଷୀ କୌଣସି ବ୍ୟକ୍ତି, କିମ୍ବା ଅନୁଷ୍ଠାନ ଆଦିର ଇ-ମେଲ୍ ଠିକଣା କିମ୍ବା ୱେବ୍‌ସାଇଟ୍ ଠିକଣାଥାଏ ଆମକୁ ଦିଅନ୍ତୁ। ଏହାଦ୍ୱାରା ଆମର ଏହି ପତ୍ରିକା ଆହୁରି ଅନେକ ପାଠକ ପାଠିକା ନିକଟରେ ପହଞ୍ଚିପାରିବ।

ଏହି ସଂସ୍କରଣରେ ଡାଉନ୍‌ଲୋଡ୍ ହେଉଥିବା ଇ-ପତ୍ରିକା ସହିତ ଏକ ସିକ୍ରେଟ୍ କୋଡ୍ ବି ଦିଆଯାଇଛି, ଯଦି ଆପଣ ସେହି ସିକ୍ରେଟ୍ କୋଡକୁ ଆମ ନିକଟକୁ ପାଞ୍ଚ ଜଣ ବନ୍ଧୁଙ୍କ ଇ-ମେଲ୍ ଠିକଣା ସହ ପଠାଇବେ, ଆମେ ଆପଣଙ୍କୁ ଏକ ଅନନ୍ୟ ଉପହାର ଦେବୁ, ଯାହା ଆପଣଙ୍କ କଂପ୍ୟୁଟର ସହ ବିତାଉଥିବା ସମୟକୁ ଉପଭୋଗ୍ୟ କରିଦେବ। ଏବଂ ଯେଉଁମାନେ ଅନ୍ତତଃ ପଚାଶ ଜଣ ଓଡିଆବ୍ୟକ୍ତିଙ୍କ ଇ-ମେଲ୍ ଠିକଣା ଆମ ନିକଟକୁ ପଠାଇବେ, ସେହି ବନ୍ଧୁଙ୍କ ପାଇଁ ମାଗଣାରେ ୱେବ୍‌ସାଇଟ୍ ନିର୍ମାଣ କରିବା ପାଇଁ ଯୋଜନା ରହିଛି। କିନ୍ତୁ ମନେରଖନ୍ତୁ ଆପଣ ପଠାଉଥିବା ସମସ୍ତ ଇ-ମେଲ୍ ଠିକଣା ସଠିକ୍ ହୋଇଥିବା ଆବଶ୍ୟକ।

ବର୍ତ୍ତମାନ ପଢନ୍ତୁ ଚଳିତ ମାସର ଆହ୍ୱାନ। ଧନ୍ୟବାଦ।

## A Humble Request

*Kindly Donate and help us spread the essence of Aahwaan to all Odia speaking people worldwide. Send in your contribution to Dr Jyoti Prasad Pattnaik, MBBS, DMCH, payable at Berhampur or send online at jyotiprasad@rediffmail.com by Paypal.*

# ଶ୍ରୀ ଦୁର୍ଗା

ଶ୍ରୀ ନିର୍ମଳ ମିଶ୍ର

ଆପଦ ବିପଦ, ଦୁଃଖ ଦୁର୍ଦ୍ଦିନ, ଶଙ୍କା ଆଶଙ୍କାରେ ସର୍ବପ୍ରଥମେ ମାଆଙ୍କୁ ହିଁ ସ୍ମରଣ କରାଯାଏ। ମାଆ ଥିଲେ ସାହା ଥାଏ। ସାରା ଜଗତକୁ ଯେଉଁ ମାଆ ସାହାଭରସା ହୁଅନ୍ତି, ସେ ହେଉଛନ୍ତି ଜଗତ୍‌ମାତା ଶ୍ରୀ ଦୁର୍ଗା। ସେଇ ଆଦିମାତା, ବିଶ୍ୱମାତା ଶ୍ରୀ ଦୁର୍ଗାଙ୍କର ନାମକରଣର ସାର୍ଥକତା ପ୍ରତିପାଦନ କରିବା ଏଇ ରଚନାର ଲକ୍ଷ୍ୟ ଅଟେ।



'ଶ୍ରୀ'ଠାରୁ ଆଲୋଚନା ଆରମ୍ଭ ହେଉ। 'ଶ୍ରୀ'ର ଅର୍ଥ ହେଉଛି ଲକ୍ଷ୍ମୀ। ମାଆଦୁର୍ଗା ମହାଲକ୍ଷ୍ମୀ ଭାବରେ ପ୍ରଖ୍ୟାତା। ଦେବୀ ଦୁର୍ଗା ମହାକାଳୀ, ମହା ସରସ୍ୱତୀ ଓ ମହାଲକ୍ଷ୍ମୀ ଭାବେ 'ଚଣ୍ଡୀ'ରେ ବର୍ଣ୍ଣିତ। ମହାଲକ୍ଷ୍ମୀ ସ୍ୱରୂପିଣୀ ଦୁର୍ଗା ଶାକମ୍ଭରୀ ବା ଶସ୍ୟର ଦେବୀ ଭାବରେ ଅନାବୃଷ୍ଟି ସମୟରେ ବିଶ୍ୱପାଳନ କରିବାପାଇଁ 'ଚଣ୍ଡୀ'ରେ କହିଛନ୍ତି-

*ତତୋଽହ ମଖିଳଂ ଲୋକମାତ୍ମ ଦେହ ସମୁଦ୍ଭବୈ*
*ଭରିଷ୍ୟାମି ସୁରାଶାକୈ ରା ବୃଷ୍ଟେଃ ପ୍ରାଣଧାରକୈଃ*
*ଶାକମ୍ଭରୀ ରୀତି ବିଖ୍ୟାତଂ ତଦାଯାସ୍ୟାମ୍ୟହଂ ଭୁବି।*

ଲକ୍ଷ୍ମୀ ଓ ଦୁର୍ଗାଙ୍କ ମଧ୍ୟରେ ଅଭିନ୍ନ ଭାବ ନିହିତ ଥିବାରୁ ଉଭୟଙ୍କୁ ନାରାୟଣୀ ଭାବେ ସ୍ତୁତି କରାଯାଏ। ଯଥା;

*ଲକ୍ଷ୍ମୀ ଲଜ୍ଜେ ମହାବିଦ୍ୟେ ଶ୍ରଦ୍ଧେ ପୁଷ୍ଟି ସ୍ୱଧେ ଧ୍ରୁବେ।*
*ମହାରାତ୍ରୀ ମହାମାୟେ ନାରାୟଣୀ ନମଽସ୍ତୁତେ।*

'ମୁଣ୍ଡମାଳ' ତନ୍ତ୍ରରେ ଦୁର୍ଗାଙ୍କୁ ଲକ୍ଷ୍ମୀ ଭାବରେ ସ୍ତୁତି କରି କୁହାଯାଇଛି;

*ନିତ୍ୟାଲକ୍ଷ୍ମୀ ନିଷ୍କଳଙ୍କା ନିରୀହାନିତ୍ୟେ ନୂତନା*
*ରକ୍ତାରକ୍ତ ମୁଖବାଣୀ ବସୁଯୁକ୍ତା ବସୁପ୍ରଦା।*

ଦ୍ୱିତୀୟ ବର୍ଷ
ନବମ ସଂଖ୍ୟା
Vol: 2 Issue: 9
October, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

ଦେବଗଣ ଦୁର୍ଗାଙ୍କୁ ପ୍ରାର୍ଥନା କରି କହିଛନ୍ତି;

ଯା ଦେବୀ ସର୍ବଭୂତେଷୁ ଲକ୍ଷ୍ମୀ ରୂପେଣ ସଂସ୍ଥିତା
ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋନମଃ

'ଶ୍ରୀ'ର ଦ୍ୱିତୀୟ ଆଭିଧାନିକ ଅର୍ଥଟି ହେଉଛି ସରସ୍ୱତୀ। ଆଲୋଚନାର ଦ୍ୱିତୀୟ ପର୍ଯ୍ୟାୟରେ ଦୁର୍ଗାଙ୍କର ସରସ୍ୱତୀ ସ୍ୱରୂପ ବିଷୟ ଆଲୋଚିତ ହେଉ। ମା ଦୁର୍ଗାଙ୍କର ଧନଧାନ୍ୟ ପ୍ରଦାୟିନୀ ଶକ୍ତି ଯେପରି ଲକ୍ଷ୍ମୀ, ଜ୍ଞାନ ପ୍ରଦାୟିନୀ ଶକ୍ତିଟି ସେପରି ସରସ୍ୱତୀ ଭାବରେ ବିଖ୍ୟାତ। 'ଭଗବତୋ-ମହାଶକ୍ତି ସ୍ତୋତ୍ରମ୍'ରେ ଦୁର୍ଗା ସରସ୍ୱତୀ ଭାବେ ବ୍ୟକ୍ତ ହୋଇଛନ୍ତି। ଏଥିରେ ଅଛି;

*ଜ୍ଞାନଶକ୍ତି ର୍ଭଗବତୀ ତ୍ୱମଜ୍ଞାନ ବିନାଶିନୀ*
*ଅତୋଽସି କୀର୍ତ୍ତିତା ବେଦେ ମହିଷାସୁର ମର୍ଦ୍ଦିନୀ।*

'ବ୍ରହ୍ମାଣ୍ଡ ବିଜୟ ଦୁର୍ଗା କବଚ'ରେ ଦୁର୍ଗା ସରସ୍ୱତୀ ରୂପରେ ପୂଜିତା ହୋଇଥାଆନ୍ତି। ଏହି କବଚରେ ଲେଖା ଅଛି;

*ବନଦୁର୍ଗା ଚ ମାତଙ୍ଗୀ ମତଙ୍ଗ ମୁନି ପୂଜିତା*
*ବ୍ରାହ୍ମୀ ମାହେଶ୍ୱରୀ ଚୈନ୍ଦ୍ରି କୌମାରୀ ବୈଷ୍ଣବୀ ତଥା।*

ଦେବୀ ଦୁର୍ଗାଙ୍କୁ ବିଦ୍ୟାରୂପିଣୀ ସରସ୍ୱତୀ ରୂପେ ପ୍ରାର୍ଥନା କରି କୁହାଯାଇଛି;

*ଯା ଦେବୀ ସର୍ବଭୂତେଷୁ ବିଦ୍ୟା ରୂପେଣ ସଂସ୍ଥିତା*
*ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋନମଃ*

'ଯୋଗିନୀ ତନ୍ତ୍ର'ରେ ଥିବା ଦୁର୍ଗା ସହସ୍ରନାମରେ ଦୁର୍ଗାଙ୍କୁ ବୀଣାପାଣି ସରସ୍ୱତୀ ରୂପରେ ଅବତାରଣା କରାଯାଇଛି। ଏଥିରେ ଅଛି;

*'ବୀଣାବାଦ୍ୟମୟୀ ଦେବୀ ବୀଣାବାଦନ ତତ୍ପରା'।*

ଏବେ 'ଶ୍ରୀ'ର ଅନ୍ୟ ଅର୍ଥ ଐଶ୍ୱର୍ଯ୍ୟ ଅନୁଯାୟୀ ମା ଦୁର୍ଗାଙ୍କର ଐଶ୍ୱର୍ଯ୍ୟମୟୀ ସ୍ୱରୂପ ସଂପର୍କରେ କିଛି ପ୍ରକାଶ କରାଯାଉ। ମା ଦୁର୍ଗା ଐଶ୍ୱର୍ଯ୍ୟଶାଳିନୀ ଏବଂ ଐଶ୍ୱର୍ଯ୍ୟ ପ୍ରଦାୟିନୀ ଶକ୍ତିଭାବେ ଶାସ୍ତ୍ରପୁରାଣ, ସ୍ତୁତି ଓ ସ୍ତବ ମାନଙ୍କରେ ଉପସ୍ଥାପିତା ହୋଇଅଛନ୍ତି। 'ମାର୍କଣ୍ଡ ପୁରାଣ'ରେ ହରିହର ବ୍ରହ୍ମା ବିରଚିତ ଦେବୀ କବଚରେ ବର୍ଣ୍ଣନା ଅଛି;

*ଯଂ ଯଂ ଚିନ୍ତୟତେ କାମଂ ତତଂ ପ୍ରାପ୍ନୋତି ନିଶ୍ଚଳା*
*ପରମୈଶ୍ୱର୍ଯ୍ୟ ମତୁଳଂ ପ୍ରାପସ୍ୟତେ ଭୂତଳେ ପୁମାତ।*

ମା' ଦୁର୍ଗାଙ୍କୁ ଐଶ୍ୱର୍ଯ୍ୟର ଅଧିକାରିଣୀ ଦେବୀ ଭାବରେ ଆବାହନ କରାଯାଇ କୁହାଯାଇଛି;

*ଆୟୁରାରୋଗ୍ୟମୈଶ୍ୱର୍ଯ୍ୟ ଦେହିଦେବୀ ନମୋଽସ୍ତୁତେ*
*ଦେବୀ ଚଣ୍ଡାତ୍ମିକେ ଚଣ୍ଡି ଚଣ୍ଡ ବିଗ୍ରହ କାରିଣୀ।*

'ଶ୍ରୀ'ର ଅନ୍ୟ ଏକ ଅର୍ଥ ହେଉଛି ଶୋଭା ବା ସୌନ୍ଦର୍ଯ୍ୟ। ମା'ଙ୍କର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବା ସନ୍ତାନ ପାଇଁ ଅପରାଧ ଅଟେ। ତେବେ ପ୍ରସଙ୍ଗ ଦୃଷ୍ଟିରୁ କ୍ଷମାମୟୀ ମା' ଦୁର୍ଗାଙ୍କୁ କ୍ଷମାଭିକ୍ଷାକରି ତାଙ୍କର ଶୋଭା ସଂପର୍କରେ କିଛି ବ୍ୟକ୍ତ କରୁଛି। 'ଦୁର୍ଗା ସହସ୍ରନାମ'ରେ ଦୁର୍ଗାଙ୍କର ସୁବର୍ଣ୍ଣବର୍ଣ୍ଣ ଚାରୁହାସ୍ୟମୟୀ ଶୋଭା ଧ୍ୟାନ କରାଯାଇ କୁହାଯାଇଛି;

*ଓଂ ଧ୍ୟାୟତେ ସୁବର୍ଣ୍ଣବର୍ଣ୍ଣାଭ୍ୟାଂ ତ୍ରିନେତ୍ର ଚାରୁହାସିନୀଂ*
*ସର୍ବଲକ୍ଷଣ ସଂପର୍ଣ୍ଣା ମର୍ଦ୍ଧେନ୍ଦୁ କୃତ ଶେଖରାଂ*
*ଚତୁର୍ଭୂଜା ଶଙ୍ଖଚକ୍ରଧରାଂ ବାଳାଂ ସ୍ୱରୂପିଣୀଂ*
*ଉଦ୍ୟତ୍ରିଶୂଳ ନିର୍ଭିନ୍ନାଂ ମହିଷାଂ ସିଂହବାହିନୀଂ।*

'ଦଶଭୂଜାଧ୍ୟାନ'ରେ ମା' ଦୁର୍ଗାଙ୍କର ଶୋଭା ଭକ୍ତିର ସହ ଧ୍ୟାନ କରାଯାଇଛି। ଏଥିରେ ଉଲ୍ଲେଖ ଅଛି;

*ଓଂ ଜଟାଜୁଟ ସମାଯୁକ୍ତା ମର୍ଦ୍ଧେନ୍ଦୁ କୃତଶେଖରାଂ*
*ଲୋଚନତ୍ରୟ ସଂଯୁକ୍ତା ପୂର୍ଣ୍ଣେନ୍ଦୁ ସଦୃଶାନନଂ*
*ତପ୍ତକାଞ୍ଚନ ବର୍ଣ୍ଣାଭାଂ ସୁ ପ୍ରତିଷ୍ଠାଂ ସୁଲଚନା*
*ନବଯୌବନ ସଂପର୍ଣ୍ଣାଂ ସର୍ବାଭରଣ ଭୂଷିତା।*

ମା' ଦୁର୍ଗାଙ୍କର ଶାୟକମନୀୟ ଶୋଭା ସାଧୁସନ୍ଥମାନଙ୍କର ମନରେ ଯେପରି ଭକ୍ତି ସଂଚାର କରେ, ଦୁଷ୍ଟ ପାପିଷ୍ଠ ମାନଙ୍କୁ ମା'ଙ୍କର ଭୟଙ୍କର ରୂପ ଠିକ୍ ସେହିପରି ଭୟଭୀତ କରାଏ। ମା' ଦୁର୍ଗା କାଳୀ ଭାବରେ ଭୟଙ୍କର ରୂପ ଧାରଣ କଲାବେଳେ ସବୁ ଶୋଭା ଅଶୋଭାରେ ପରିଣତ ହୋଇଯାଏ। ମା'ଙ୍କର ଏହି ରୂପ ବିଷୟରେ କୁହାଯାଇଛି;

*ଶବରୂଢା ମହାଭୀମା ଘୋରଦଂଷ୍ଟ୍ରା ବରପ୍ରଦାଂ*
*ହାସ୍ୟଯୁକ୍ତା ତ୍ରିନେତ୍ରାଞ୍ଚ କପାଳ- କର୍ତ୍ତୃକା ଧାରଂ।*

ଦ୍ୱିତୀୟ ବର୍ଷ
ନବମ ସଂଖ୍ୟା
Vol: 2 Issue: 9
October, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

'ଶ୍ରୀ'ପରେ ଏଥର ଦୁର୍ଗା ନାମକରଣର ସାର୍ଥକତା ଆଲୋଚିତ ହେଉ। ଯେଉଁ ଶକ୍ତିକୁ ସ୍ମରଣ କଲେ- ଦୈତ୍ୟ, ବିଘ୍ନ, ରୋଗ, ପାପ, ଭୟ ଓ ଶତ୍ରୁ ନାଶ ହୁଅନ୍ତି, ସେହି ଶକ୍ତି ହେଉଛନ୍ତି ଦୁର୍ଗା। ଏହି ମର୍ମରେ ଦୁର୍ଗାଙ୍କର ସଂଜ୍ଞାନିରୂପଣ କରାଯାଇ, 'ବ୍ରହ୍ମାକୃତ ଜୟଦୁର୍ଗା ସ୍ତୋତ୍ରମ୍'ରେ କୁହାଯାଇଛି;

*ଦୈତ୍ୟନାଶାର୍ଥ ବଚନୋ ଦ କାରଃ ପରିକୀର୍ତ୍ତିତଃ*
*ଉ କାର ବିଘ୍ନନାଶାର୍ଥ ବାଚକୋ ବେଦ ସମ୍ମତଃ*
*ରେଫୋ ରୋଗଘ୍ନ ବଚନଂ ଗ ଶ୍ଚ ପାପଘ୍ନ ବାଚକଃ*
*ଭୟ ଶତ୍ରୁଘ୍ନ ବଚନଂ ଗଶ୍ଚ ପାପଘ୍ନ ବାଚକଃ*
*ଭୟଶତ୍ରୁଘ୍ନ ବଚନଶ୍ଚାକାରୋ ପରିକୀର୍ତ୍ତିତଃ*
*ସ୍ମୃତ୍ୟୁକ୍ତି ସ୍ମରଣାଦ୍ ଯସ୍ୟା ଏତେ ନଶ୍ୟନ୍ତି ନିଶ୍ଚିତଂ*
*ଅତୋ ଦୁର୍ଗା ହରେ ଶକ୍ତି ଏହରିଣା ପରିକୀର୍ତ୍ତିତା।*

'ଚଣ୍ଡୀ ପୁରାଣ'ରେ ବ୍ୟକ୍ତ ହୋଇଥିବା ସାରଳା ଦାସଙ୍କ ମତ ଅନୁଯାୟୀ ଯେଉଁ ଶକ୍ତି ଦୁର୍ଗତି ହରଣ କରନ୍ତି- ସେହି ଶକ୍ତି ହେଉଛନ୍ତି ଦୁର୍ଗା। 'ଯୋଗିନୀ ତନ୍ତ୍ର'ରେ ଥିବା 'ଶ୍ରୀ ଦୁର୍ଗା ସହସ୍ରନାମ'ରେ ପ୍ରଦତ୍ତ ମତ ଅନୁଯାୟୀ- ଦୁର୍ଗମ କାଳରେ ଯେଉଁ ଦେବୀ ଭକ୍ତମାନଙ୍କୁ ରକ୍ଷା କରନ୍ତି, ସେହି ଦେବୀ ଦୁର୍ଗା ନାମରେ ପୂଜିତା ହୁଅନ୍ତି। ଦେବୀ ଦୁର୍ଗା ବିପଦ ସାଗରରୁ ଉଦ୍ଧାରକାରୀ ଉପାଦାନ ନୌକା ଭାବରେ 'ବିଶ୍ୱସାର ତନ୍ତ୍ର'ରେ ବର୍ଣ୍ଣିତା ହୋଇଛନ୍ତି। ଦେହ ରୂପକ ଦୁର୍ଗକୁ ରୋଗ କବଳରୁ ରକ୍ଷାକରି ଦେବୀ ଦୁର୍ଗାଭାବରେ ଆରାଧିତା ହେବା ମତ କେତେକ ଶାସ୍ତ୍ରରେ ପୁରାଣରେ ମଧ୍ୟ ଦେଖାଯାଏ। 'ଶପ୍ତସତୀଚଣ୍ଡୀ'ରେ ଦୁର୍ଗାଙ୍କୁ ରୋଗହାରିଣୀ ଶକ୍ତିଭାବରେ ପ୍ରାର୍ଥନା କରାଯାଇଛି। ଅନ୍ୟ କେତେକ ପଣ୍ଡିତ ମାନଙ୍କ ମତରେ ଦୁର୍ଗମ ନାମକ ରାକ୍ଷସକୁ ବଧକରି ଦେବୀ ଦୁର୍ଗା ନାମ ଧାରଣ କରିଥିଲେ। 'ବ୍ରହ୍ମ ବୈବର୍ତ୍ତ ପୁରାଣ' ମତ ଅନୁଯାୟୀ ଭବବନ୍ଧ, ବିଘ୍ନ, କୁକର୍ମ, ଶୋକ, ଦୁଃଖ, ନରକ, ମୃତ୍ୟୁଦଣ୍ଡ, ଜନ୍ମ, ମହାଭୟ, ଅତିରୋଗ ପ୍ରଭୃତି 'ଦୁର୍ଗ' ନାମରେ ଅଭିହିତ ହୁଏ। ଯେଉଁ ଶକ୍ତି ଏହି ଦୁର୍ଗ ଗୁଡିକୁ ନାଶ କରନ୍ତି, ସେହି ଶକ୍ତି 'ଦୁର୍ଗା' ଭାବରେ ପୂଜିତା ହୁଅନ୍ତି। ଦେବତା ମାନଙ୍କର ଦୁର୍ଗତି କାଳରେ ସୃଷ୍ଟି ହୋଇଥିବାରୁ ଏବଂ ସେମାନଙ୍କୁ ମହିଷସୁରର ଅତ୍ୟାଚାର ରୂପକ ଦୁର୍ଗତିରୁ ରକ୍ଷା କରି ଦେବୀ 'ଦୁର୍ଗା' ନାମରେ ନାମିତ ହୋଇଥିବା ମତବାଦଟି 'ଦୁର୍ଗା' ନାମକରଣ ସଂପର୍କରେ ସବୁଠାରୁ ପ୍ରିୟ ତଥା ପ୍ରଚଳିତ ମତବାଦ ଅଟେ।

ଏହିପରି ପ୍ରଚଳିତ, ଲିଖିତ, ବର୍ଣ୍ଣିତ ଓ କଥିତ ବିଭିନ୍ନ ମତବାଦରୁ 'ଶ୍ରୀ ଦୁର୍ଗା' ନାମକରଣର ସାର୍ଥକତା ପ୍ରତିପାଦିତ ହୋଇଥାଏ। ଶେଷରେ ଜଗତରୁ ଦୁଃଖ, ଦୁର୍ଦ୍ଦଶା, ଦୁର୍ଦ୍ଦିନ, ଦୁର୍ଘଟଣା, ଦୁର୍ଗତି ଓ ଦୁର୍ଭାବନା ଇତ୍ୟାଦି ଦୂର କରିବା ପାଇଁ ମା'ଦୁର୍ଗାଙ୍କୁ 'ଦ' ଅନୁପ୍ରାସରେ ପ୍ରାର୍ଥନା କରୁଛି;

*ଦୀର୍ଘାକ୍ଷୀ ଦୀର୍ଘଦନ୍ତା ଜନୁଜ ଜଳଜଳା ଦେବତା ଦକ୍ଷିଣାଂସୌ*
*ଦିବ୍ୟାଙ୍ଗେ ଦିବ୍ୟକାନ୍ତି ଦରିଦ ଦମନା ଦୀପ୍ତିଦେହା ଦୁ କୁଳୈଃ*
*ଦୃପ୍ତାନା ଦର୍ପଦାନ୍ତୌ ଦଶଦିଶିଦଧତୀ ଦୃପ୍ତ ଦୁର୍ଦ୍ଦମୀ ଦୋଷୋ*
*ଦେବୀ ଦୁର୍ଗା ଦୁରନ୍ତଂ ଜଳୟତୁ ଦୁରିତଂ ଦୁର୍ଗତି ଦ୍ରାବଦକ୍ଷା।*

ପୋଖରିଆ ସାହି, ପୁରୀ

# ଆମ ଗାଁ ହାଲ୍‌ଚାଲ

ଗାଁ ଦାଣ୍ଡରେ ଭିଡିଓ ଚାଲିଲା, ରାତି ଦଶଟା ବେଳକୁ ପୁରା ଗାଁ ଲୋକ ଆଁ କରି ବଡ ଟିଭି ପରଦାରେ ସିନେମା ଦେଖିବା ଆରମ୍ଭ କଲେ। ଘଡିଏପରେ ଘଡଘଡି ମାରି ଯେମିତି ବର୍ଷା ଆସିବା ଦେଖାଗଲା, ଯେ ଯୁଆଡେ ଯିବା ପରିବର୍ତ୍ତେ ଟିଭି ସାମନାରୁ କେହି ହଟିଲେ ନାହିଁ। ନିଜ କାନିରେ ଆଖିରୁ ଲୁହ ପୋଛୁ ପୋଛୁ କୁମାରୀମା' କହିଲା, କେଡେ ନିଷ୍ଠୁର ସତେ ଏ ଲୋକଗୁଡାକ, ଏତେ ଭଲ ଲୋକଟାକୁ ଦାଣ୍ଡର ଭିକାରୀ କରିଦେଲେ, ସେଇଠୁ ସର୍ଜନୀ କହିଲା, ଆଉ ନାହିଁ ତ କିସା ବା? ଭଲ ଲୋକଟା ଯେ ଭାଇ ଭଉଣୀ ସଁଭିତିକ ପାଇଁ ରିକ୍ସା ପେଲି ପେଲି ବଡ ଲୋକକଲା, ସେଇ ଲୋକ ତାକୁ ଦଗା ଦେବେନି ତ ଦେବ ଆଉ କିଏ? ଟିପ୍ ଟିପ୍ ବର୍ଷା ପଡିବା ଆରମ୍ଭ ହେଲା ବେଳକୁ ଟିଭି ବନ୍ଦ କରିଦିଆ ଗଲା। ଭଡାରେ ଅଣାହେଇଚି, ସାତ କିଲୋମିଟର ଦୂରର ଦୋକାନରୁ ଠେଲା

ଗାଡିରେ ଧରି ଆସିଥିଲେ ଗାଁ ପିଲାଏ । ଗେନେରେଟର ଲଗେଇ ଫିଲିମ୍ ଦେଖା ଚାଲିଥିଲା ବେଳକୁ ବର୍ଷା ଆରମ୍ଭ ହୋଇଗଲା । ସମସ୍ତଙ୍କ ମନ ମଉଳି ଗଲା । ପଇସା ସବୁ ପାଣିରେ ଗଲା ବୋଲିକିଏ କିଏ କହିଲା ବେଳକୁ ଜଣେ କହିଲା, ମାଗଣାରେ ମାଗଣାରେ କାହିଁକି ପଇସା ଦେବା, ଚାଲ କୋଠଘର ତାଲା ଖୋଲ ସେଇଠି ଫିଲିମ ଦେଖିବା । ସତକଥା ଏ ଆଇଡିଆଟା କାହାର ମୁଣ୍ଡରେ ପଶିନଥିଲା । ଅଗତ୍ୟା କୋଠଘର ଖୋଲି ଦିଆଗଲା ଆଉ ପୁଣିଥରେ ସିନେମା ଦେଖା ଚାଲିଲା । ଶହେ ବସିବା ଯାଗାରେ ତିନିଶ ବସିଲେ ମାତ୍ର ସିନେମା ଚାଲିଲା ।

ଦିଘଣ୍ଟା ପର୍ଯ୍ୟନ୍ତ କାହାର ବି ପାଟିରୁ କଥାଟିଏ ବାହାରିଲା ନାହିଁ, ସିନେମା ସରିଲା ବେଳକୁ କେତେଜଣ ସ୍ତ୍ରୀ ଲୋକ ସକସକ ହୋଇ କାନ୍ଦୁଥିବା ଦେଖାଗଲା । ଭିଡିଓ ଯନ୍ତ୍ର ଗରମ ହେଲା କହି ଟିଭି ଓ ଭିଡିଓ ଅଧାଘଣ୍ଟା ପାଇଁ ବନ୍ଦ କରିଦିଆଗଲା । ନିଜ ଦୁଆରେ ବସି ଟିଭିକୁ ଦୂରରୁ ଦେଖିଥିବା ଗନ୍ତେଇବାପା କହିଲା, କି ଯୁଗ ଆଇଲା ଦେଖ, ଏତେଟିଏ ଯନ୍ତ୍ର ଭିତରେ ଦୁନିଆଟେ ରଖିଦେଲେ । ଗାଁ କରଣଙ୍କ ବଡବୋପା ଯାଦୁକରୁଥିଲେ ଯେ ଆମେ ଦେଖିଥିଲୁ, ସିନ୍ଧୁକ ଭିତରେ ଲୋକକୁ ବନ୍ଦକରି ଘର ବାହାରେ ବାହାର କରିଦେଉଥିଲେ, ହେଲେ ଏ ଯାଦୁତ ତା'କୁ ପାରିଗଲା । ଚାରେଣୀ କହିଲା, ଅଜା ଇଏ ଯାଦୁ ନୁହେଁ ସିନେମା ।' ଗନ୍ତେଇବାପ କହିଲା, 'ହଁରେ ନାତିଆ, ସିନିମା ହେଉ କି ଫିନିମା, ଆମକୁ କିସ ମିଳିବ । ମଲାଗଲା ଲୋକରେ ଗଣା ହେଲୁଣୁ, କୋଉ ମୁହୂର୍ତ୍ତରେ ଯମ ଆସିବ କିଏ ଜାଣିଚି । ଚାରେଣୀ କହିଲା ତେଣୁକରି କହୁଛି, ଜୀବନ ଥାଉ ଥାଉ ସିନିମା ଦେଖି ଦେ । ସମସ୍ତେ ହୋ ହୋ ହେଇ ହସିଲା ବେଳକୁ ପୁଣି ଟିଭିଲାଗିବା ଖବର ପାଇ ଦଉଡିଲେ, ନିଜ ନିଜ ପାଇଁ ସୁରକ୍ଷିତ ସ୍ଥାନଟିଏ ପାଇବା ପାଇଁ । ସକାଳ ହେଉ ହେଉ ଚାରିଟା ସିନିମା ଦେଖା ସରିଥିଲା । ବର୍ଷା ହେଉଥିଲା ବୋଲି କୋଠ ଶଗଡରେ ପାଲ ପକେଇ ଟିଭି ଆଉ ଭିଡିଓ ଫେରାଇବା ପାଇଁ ଚାରିଜଣ ଗଲେ ।

ଦିନସାରା ଅବିରତ ବର୍ଷା ଯୋଗୁଁ ଲୋକମାନେ ଘରେ ଦୁଆରେ ଆଉ ପିଣ୍ଡାରେ ବସି ବସି ଶୋଇଗଲେ । ଏମାନଙ୍କ ଅବସ୍ଥା ଦେଖି କାର୍ଜି କହିଲେ, ଆଚ୍ଛା ତାମସ ଲଗେଇଛନ୍ତି ଏ ଟୋକା ଦଳଟା, କି ଭିଡିଓ ଆଣୁଚନ୍ତି ଯେ ଗାଁ ସାରା ଲୋକଙ୍କୁ ରୋଗ ଲଗେଇ ଦେଲେଣି । କରଣେ କହିଲା, ଭାଇନା, ଥାଉ ତମ ଭାଷଣ । ମୁଁ କଣ ଦେଖିଲି କାଲି ରାତିସାରା କୋଠଘରେ ଚେୟାର ଉପରେ ପରା ନିଜେ ବସି ବସି ସିନେମା ଦେଖୁଥିଲ । କାର୍ଜି ମୁହଁ ଆମ୍ବିଳେଇ ଦେଲେ । ପୋଖରୀ ତୁଠରେ ବସି ଥଣ୍ଡା ପବନ ଖାଉଖାଉ କରଣେ କହିଲେ, ପିଲା ଗୁଡାକ ଯାହା ହଉଛନ୍ତି, ଭାଇନା ଭାବୁଚି ଗାଁରେ ଗୋଟେ ଟିଭି ଆଣି ରଖିବା । କାର୍ଜି କରଣ ମୁହଁକୁ ଚାହିଁ କହିଲେ, କଥାଟା ତ ଭାରି ଭଲ, ଆଉ ଟିଭିଟେ ବି ନିହାତି ଦରକାର । ଗାଁରେ ଫୋନ୍ ଅଛି, ଲାଇଟ ଅଛି, ରେଡିଓ ଅଛି, ଆଉ ବାକି ରହିଲା ଟିଭିଟେ । କୋଠଘରେ ରଖିଦେଲେ, ସଞ୍ଜବେଳକୁ ଲୋକମାନେ ଅଳ୍ପବହୁତ ଜ୍ଞାନ ପାଆନ୍ତେ, ଦେଶ ବିଦେଶ ଖବର ଦେଖନ୍ତେ । କରଣେ ହୁଁ ମାରିଲେ, ଦି ପ୍ରାଣୀ କଥା ହୋଇ ହୋଇ ଘରକୁ ଫେରିଲେ । ଏମାନଙ୍କ କଥା ଯାଇ ପଡିଲା ଚାରେଣି କାନରେ । ସିଏ ଏକା ଶ୍ୱାସରେ ଦଉଡିଲା ଗାଁ ଭିତରକୁ । କହିଲା, କରଣେ ଟିଭି ଆନୁଛନ୍ତି । କୋଠଘରେ ରହିବ । ସବୁଦିନ ଟିଭି ଦେଖା ହବ । ଆଉ ଟିଭି ପାଇଁ ଭଡା ଦେବାକୁ ହେବନି । ଗାଁ ଦାଣ୍ଡ ହୁଲସ୍ଥୁଲ ହୋଇଗଲା । କାର୍ଜିକରଣେ ଗାଁ ଦାଣ୍ଡରେ ପହଞ୍ଚିବା ପୂର୍ବରୁ କି ଟିଭି ଆସିବ, କେତେ ଦାମ୍ ହେବ ସବୁ କଥା ଆରମ୍ଭ ହେଇଗଲା ।

କରଣଙ୍କୁ ଦେଖି ସବୁ ଚୁପ୍ ହେଇଗଲେ ସିନା ହେଲେ ପଛରେ ଚର୍ଚ୍ଚା ଚାଲିଲା । ଦିନ ଦିଟା ବିତିଗଲା । ଗାଁ ଲୋକଙ୍କ ଉତ୍ସାହ ଦୁର୍ବଳ ହେବାକୁ ଲାଗିଲା । ଚାରେଣୀ କହିଲା, ବୋଧହୁଏ ବର୍ଷା ହେଉଚି ବୋଲି ଆଜ୍ଞା ସହର ଯାଇ ପାରୁନାହାନ୍ତି ଟିଭି ଆଣିବା ପାଇଁ । ଯଜ୍ଞକହିଲା ଯଦି ଗାଁ ପାଇଁ ଟିଭି ଆସିବ ବୋଇଲେ ମୋ ଟେଂପୁରେ ଯାଇ ନେଇ ଆସିବା । ଏମିତି ଚର୍ଚ୍ଚା ଉପରେ ଚର୍ଚ୍ଚା ହେଇ ସପ୍ତାହେ ବିତିଲା । ବର୍ଷା

ଦ୍ୱିତୀୟ ବର୍ଷ ନବମ ସଂଖ୍ୟା
Vol: 2 Issue: 9
October, 2007
ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

ଛାଡିଗଲା । ଗାଁ ଦାଣ୍ଡ ସଫା ହେଲା । କରଣେ ନୂଆ ପୋଷାକ ପିନ୍ଧି ବଜାର ଉପରକୁ ଗଲା ପଛେ ପଛେ ଚର୍ଚ୍ଚା ହେଲା ଟିଭି ଆସିବ । ଏମିତି ଥରେ ନାହିଁ ଅନେକ ଥର ହେଲା । ଶେଷକୁ କରଣ କାନରେ ଏ କଥା ପଡିଲା । ସେ ହସିଦେଇ ଚାରେଣୀକୁ କହିଲେ, ହଇରେ ଟିଭିପାଇଁ ପଇସା କଣ ତୋ ବୋପା ଦେବ । ଚାରେଣୀ କାନମୁଣ୍ଡା ଆଉଁସି କହିଲା, ଆଜ୍ଞା ଆମେ ଗରିବ ଲୋକ, ଆପଣ ପାଠ ପଢିଛନ୍ତି, ବଡ ଲୋକ ଆପଣ ଦେବେନା । ସବୁଲୋକ ମୁଣ୍ଡା ଟୁଙ୍ଗାରି ହଁ ଭରିଲେ । କରଣେ କହିଲେ, ରଙ୍ଗୀନ ଟିଭି ଗୋଟିଏ ପନ୍ଦର ହଜାର ଟଙ୍କା ହେବ, ଏତେ ଟଙ୍କା ଆସିବ କୁଆଡୁ । ସେଇଠୁ ବଳିଆ କହିଲା, ଭାଇନା କୋଠଘରୁ କିଛି ଧାନ ବିକିଦେବା । ନହେଲେ ଜମିଖଣ୍ଡେ ବିକିଦେବା । ଏତେ ଜମି ଅଛି । ଗୋଟେ ଅଧେ ଗଲେ ଯାଉ ।

ସବୁ ଲୋକ ହଁ ହଁ କହିଲା ଭିତରେ କରଣେ ନାଁ କରିଦେଲେ । କହିଲେ, ଠାକୁରଙ୍କ ଜମିବିକି ତୁମେ ସବୁ ଟିଭି ଦେଖିବା ଆଉ ସେ ଟିଭିରେ ଯାହା ଚିତ୍ର ସବୁ ଦେଖାଉଚି, ଛି!!! ସମସ୍ତେ ଚୁପ୍ । କରଣେ କହିଲେ, ଯଦି ସମସ୍ତେ ମାନିବ ବୋଇଲେ କଥାଟିଏ କହିବି । ସବୁ ଏକାସ୍ୱରରେ କହିଲେ, କଣ? ମାଷ୍ଟ୍ରେ କହିଲେ, ସବୁଘରୁ ଦୁଇଶହ ଲେଖାଏଁ ଟଙ୍କା ଆଦାୟ୍ ହେବ । ଗାଁରେ ସର୍ବମୋଟ ଦୁଇଶହ ଘର ଅଛି, ଆଦାୟ୍ ହେବ ଚାଳିଶି ହଜାର ଟଙ୍କା । ସେଥିରେ ବଡ ଟିଭି ଆସିବ, ଆଉ ଭିଡିଓଟେ ବି ଆସିବ । ଆଉ ଟିଭିକୁ ଦେଖାଶୁଣା କରିବାଖର୍ଚ୍ଚ ସେଥିରୁ ଆସିବ । ଆଉ ଯାହା ଇଲେକ୍ଟ୍ରି ବିଲ୍ ଆସିବ ସେଥିରୁ ଦିଆଯିବ । ୟା ବ୍ୟତୀତ ପ୍ରତ୍ୟେକ ମାସରେ ଘରପିଛା ପାଞ୍ଚଟଙ୍କା ଆଦାୟ୍ ହେବ । ସେଥିରେ ସିନେମା ଆଣି ଦେଖାହେବ । କୁହ ସମସ୍ତେ ରାଜି ତ ଆସିବ ନହେଲେ ନାହିଁ । ସବୁ ଏକାଥରେ ହଁ କଲେ । ଆରଦିନ ସଞ୍ଜ ବେଳକୁ ଟଙ୍କା ଆଦାୟ୍ ହେଇ ସାରିଥିଲା । ଯଜ୍ଞକହିଲା ରାତାରାତି ଯାଇ ସହରରୁ ଟିଭି ଆଣିବା । କରଣେ ହସିଲେ ।

ଦ୍ୱିତୀୟ୍ ଦିନ ସଞ୍ଜବେଳକୁ କୋଠଘରେ ଟିଭି ଲାଗିଲା । ଗାଁ ଟିଭି । ଟିଭି ଦେଖିବାପାଇଁ ଗହଳି ଚହଳି ବଢ଼ିଲା । ସଞ୍ଜବେଳକୁ ଯାହା କୀର୍ତ୍ତନ ଟିକେ ହେଉଥିଲା, ଏବେ ସେ ସବୁ ବନ୍ଦ ହେଲା । ଗନ୍ତେଇ ବାପା ଯିଏ ମରିଯିବି ମରିଯିବି ହେଉଥିଲା, ଟିଭି ଆଗରୁ ହଟିଲା ନାହିଁ, କହିଲା ମରିବି ଯେତେବେଳେ ଏଇଠି ବସି ବସି ମରିବି । ଗାଁର କାୟା ପଲଟ ହେଇଗଲା । ଚାରେଣୀ ଆଉ ଗାମୁଛା ପିନ୍ଧିଲାନି, ଜିନ୍ସ ପିନ୍ଧିଲା, ଲତା, ଆଉ ଫୁଲ ସବୁ ସ୍କର୍ଟ୍ ଛାଡି ଚୁଡିଦାର ପିନ୍ଧିବାକୁ ଜିଦ୍ କଲେ । ସେ ଯା'ହେଉ ସଞ୍ଜ ବେଳକୁ ଟିଭିରେ ସବୁ ଲୋକ ଏକାଠି ବସି ସମାଚାର ଦେଖି ଦେଶ ବିଦେଶ ଖବର ରଖିଲେ । ସେ ଦିନ ଇରାକ୍ ଖବର ଦେଖୁ ଦେଖୁ ଗନ୍ଧିଆ କହିଲା, ନନା ଆମର ଇରାକ୍ ଯାଇଥିଲା ଯେ କେତେ ଟଙ୍କା ଧରି ଫେରିଥିଲା, ଏବେ ସେ ଇରାକ୍ ଆଉ ନାହିଁ । ଭାଙ୍ଗିଦେଲେ, ଖାଲି ଯୁଦ୍ଧ କଲେ କଣ ହେବ । ଗାଁ ରୁ ବାହାରେ ପାଦ ଦେଇନଥିବା ପିଲାଏ ଏବେ ଲଣ୍ଡନ୍ ପ୍ୟାରୀସ୍ ବିଷୟ୍ରେ ଜାଣିଲେ । ଆଉ ଗାଁ ସ୍ତ୍ରୀ ଲୋକେ, କେତେ କାହାଣୀ, ଚିତ୍ର ସବୁ ଦେଖିଲେ ।

ରାମାୟ୍ଣ ଆଉ ମହାଭାରତ ଦେଲା ସମୟ୍ରେ ଗାଁରେ ଯାତ୍ରା ହେଲା । ଆଖପାଖ ପାଞ୍ଚଖଣ୍ଡ ଗାଁ ଲୋକେ ରବିବାର ସକାଳୁ ସକାଳୁ ଫୁଲ ଧୂପ ନୈବେଦ୍ୟ ଧରି ଆସି ଗାଁରେ ପହଞ୍ଚିଲେ । ନ'ଟାରେ ଧାରାବାହିକ ଆରମ୍ଭ୍ ହେବାର ଥିଲେ ବି କାଲୁ ପୁରୋହିତ ସକାଳୁ ଆସି ପୂଜାରେ ଲାଗିଲା । ଅଜସ୍ର ନଡିଆ ଭଙ୍ଗାହେଲା । ରାମାୟ୍ଣରେ ରାମଙ୍କୁ ଦେଖି ଜୟ୍ ଶ୍ରୀ ରାମ୍ ଧୂନରେ ସାରା ଗାଁ ପ୍ରକଂପିତ ହେଲା । ହେଲେ ସବୁ ଭଲଦିନ ସମାନ ଯାଏନି । ଦିନେ ଗାଁରୁ ଟିଭି ଖରାପ ହେଇଗଲା । ସହର ଯାଇ ମେକାନିକ୍ ଅଣାଗଲା ପରେ ବି ସେ ଠିକ୍ କରିପାରିବ ନାହିଁ କହିଲା । ଲୋକଙ୍କ ମଧ୍ୟରେ ଅସନ୍ତୋଷର ବହ୍ନି ହୁତ୍ହୁତ ହୋଇ ଜଳିଲା । ସେତୁବନ୍ଧ ବନ୍ଧା ହେବାର ଦୃଶ୍ୟ ଦେଖାହେବ ବୋଲି ଲୋକମାନଙ୍କୁ ଜମାହେବା ପାଇଁ ଯାହା କାହିଦିଆ ଯାଇଥିଲା, ସେହି ହେତୁରୁ ଲୋକ ଆସିବା ପାଇଁ ତତ୍ପର ହୋଇଥିଲେ, ଏଣେ ଶୁକ୍ରବାର ହେଲା ଟିଭି ଖରାପ । ଶେଷରେ ଯଜ୍ଞ ଗାଡି ବାହାର କରି ଟିଭି ଧରି ସହର ଗଲା, ଆଉ ରବିବାର ସକାଳୁ ସକାଳୁ ଠିକ୍ କରି ଧରି ଆସିଲା ।

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ନବମ ସଂଖ୍ୟା
Vol: 2 Issue: 9
October, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ୱାନ

ରାମଙ୍କ ସେତୁବନ୍ଧ ହେବା ପୂର୍ବରୁ କେତେ ଅସୁବିଧା ହୋଇଥିବ ତାହା ଅନେକେ ଟିଭି ଖରାପ ହେବାର ଉଦାହରଣ ଦେଇ କହୁଥିଲେ।

କରଣ ଦୁଆରେ ବୁଢୀବସି କୋଠଘରୁ ଟିଭି ଦେଖିବାକଷ୍ଟ ହେବ ବୋଲି ଛୋଟ ଟିଭିଟିଏ ଆଣିଦେଲେ। ଏହାପରେ କୋଠଘର ଟିଭି ପାଖ ଗହଳି କମିବାରେ ଲାଗିଲା। ଗାଁର ଯେତେ ସ୍ତ୍ରୀ ଲୋକ ସବୁ ଆଇ (କରଣ ଘର ବୁଢୀମା'କୁ ସବୁ ଆଇ କହନ୍ତି) ଆମେ ଟିଭି ତମ ଘରେ ବସି ଦେଖିବୁ କହି କରଣେ ଘରେ ଗହଳି କଲେ। ଶେଷରେ ଗାଁରେ ଟିଭିର ସୁସ୍ଥ ପ୍ରତିଯୋଗୀତା ଆରମ୍ଭ ହେଲା। ଏବେ ଗାଁରେ ପ୍ରାୟ ପ୍ରତ୍ୟେକ ଘରେ ଟିଭି ରହିଛି, ହେଲେ ସୁଦ୍ଧା ଗାଁ ଦାଣ୍ଡରେ ଯେଉଁଦିନ ସିନିମା ଦେଖା ହେଉଛି, କୋଠଘର ଟିଭି ଆଗରେ ସମସ୍ତଙ୍କର ଭିଡ ହେଉଛି।

# ପୁନଶ୍ଚ ବର୍ଷା

ବର୍ଷା ଋତୁର ପ୍ରକୃତ ସମୟ କେବେ? ଏହା କହିବା ମୁସ୍କିଲ ହେଲାଣି, ସମ୍ଭବତଃ ସମୁଦ୍ର ନିକଟବର୍ତ୍ତୀ ହୋଇଥିବାରୁ ଓଡିଶାରେ ବର୍ଷାର ପ୍ରମୁଖ କାରଣ ମୌସୁମୀ ବାୟୁ ନ ହୋଇ ସମୁଦ୍ର ଉପରେ ଜନ୍ମ ନେଉଥିବା ଲଘୁଚାପକୁ ହିଁ ନିଆଯାଇ ପାରେ। କାରଣ ଜୁଲାଇ ମାସର ମଧ୍ୟରୁ ନଭେମ୍ବର ମାସ ମଧ୍ୟରେ ଓଡିଶା ତଥା ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗର ସମୁଦ୍ରରେ ଦେଖା ଦେଉଥିବା ଲଘୁଚାପ ହିଁ ଓଡିଶାରେ ବର୍ଷା କରାଇଥାଏ, ଏବଂ ଏହାର ପ୍ରକୋପରେ ବନ୍ୟାବିଭୀଷିକା ଆଦି ଦେଖା ଦେଇଥାଏ। ସେ ଯା'ହେଉ ବର୍ଷାର ଏକ ସୁନ୍ଦର ଦିଗ ହେଉଛି କବି ପ୍ରାଣରେ ଜାଗ୍ରତ କରାଉଥିବା କାବ୍ୟିକ ପ୍ରବୃତ୍ତି। ବର୍ଷା ଅସଂଖ୍ୟ କବିଙ୍କ ମନରେ ଆଣିଦିଏ ଅନେକ ଫୁରଣ, ଏବଂ ଏହା ଦ୍ୱାରା ସୃଷ୍ଟି ହୁଏ ଅସଂଖ୍ୟ ଗଳ୍ପ ଓ କବିତା। ସଂପ୍ରତି ସଂସ୍କରଣରେ ପୁଣିଥରେ ବର୍ଷା ବିଷୟ ସମ୍ବଳିତ ଲେଖା ପ୍ରକାଶନ କରୁଛୁ। ଓଡିଶାର ପ୍ରମୁଖ ସମ୍ବାଦପତ୍ର 'ସମ୍ବାଦ'ର ୫ ଅକ୍ଟୋବର, ୨୦୦୭ ସଂସ୍କରଣରେ ଛପା ହୋଇଥିବା କିଛି ଲେଖାକୁ ଆମେ ଆମର ଏହି ପତ୍ରିକାରେ ସ୍ଥାନ ଦେଉଛୁ।

# ବର୍ଷା ଓ ଶ୍ୟାମଳି ଦାସ

**କୃଷ୍ଣକୁମାର ମହାନ୍ତି**

ବୈରାଗ୍ୟ ଓ ମିଳନର ମୁଖାପିନ୍ଧି ମୁଁ
ମୁକୁଳି ଆସିଛି
ତମଠୁ।
ତଥାପି ଦିଶିଲି ନାହିଁ
ତୁମପାଇଁ କେବେ ଦିନେ ସାଜିଥିବା
ଆତଙ୍କିତ ସ୍ୱପ୍ନଟିଏ ଭଳି।
ଦିଶିଲି ନାହିଁ
କଳାହାଣ୍ଡିଆ ମେଘପରି
ଆନମନା।
ମାଟିହାଣ୍ଡିର ସଂସାର ଭିତରେ
ଉଇଁଥିବା
ଚନ୍ଦ୍ରପକ୍ଷ ଉଲ୍ଲାସ ପରି ବି।
ଦିଶିଲି ତ
ମୋ'ର ସେଇ ପୁରୁଣା ଭଲ ପାଇବାର
ଚେହେରାରେ।

କେବେ ଝିପି ଝିପି ଗୁମାନରେ
ଭରିଛି ମୁଁ
ବାରିପଟ ଗାଡିଆ।
କେବେ ପୁଣି ଧାରା ଶ୍ରାବଣର ସୁଅରେ
ଭସେଇଛି ତୁମ
ସ୍ୱପ୍ନର କୁଡିଆ।

ଡା ଜ୍ୟୋତି ପ୍ରସାଦ ପଟନାୟକଙ୍କ ପ୍ରତ୍ୟକ୍ଷ୍ୟ ତତ୍ତ୍ୱାବଧାନରେ ସଂପାଦିତ ଓ ପ୍ରକାଶିତ

ଦ୍ୱିତୀୟ ବର୍ଷ
ନବମ ସଂଖ୍ୟା
Vol: 2 Issue: 9
October, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ୱାନ

ଅଗଣାରେ ଶୁଖୁଥିବା ସାତସିଆଁ ଜହ୍ନରାତି,
ଉବୁଟୁବୁ ଅନ୍ଧାରରେ ବୁଡି ସାରିଥିବା
ମୁଠା ମୁଠା ନିଃଶ୍ୱାସ
ଓଦାଚାଳର ଧୁଆଁ କୁଣ୍ଡଳୀ ଭିତରେ
ଛକିଥିବା ଉଦାସ ଖରାବେଳ।
ଏମାନେ କେହିହେଲେ କହିଲେ ନାହିଁ
ମୋ'ର ସେଇ ଶ୍ୟାମଳ ସବୁଜ ରୂପରେ
ମୁଁ ଦିଶୁଛି।

ଏଣିକି ଆଶ୍ରା ନେବି ତ
ସେଇ ମାଟିରେ।
କେବେ ଦିନେ ମିଶିଯିବ ଯଦି
ଆଖି ପାଉନଥିବା
ତୁମର ସେଇ ଆକାଶପରି ବକ୍ଷରେ।

ବଳରାମଗଡି, ବାଲେଶ୍ୱର

# ଜାମୁ, ବର୍ଷା ଓ ମହାନ୍ତି ଝିଅ

ପ୍ରଦୀପ୍ତ ଦାସ

ଜାମୁକୋଳି ଖାଇବୁ ଆ
ଡାକିଲା ବର୍ଷା ମହାନ୍ତି
ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ
ସକାଳୁ ସକାଳୁ ବଙ୍ଗୋପସାଗର
ପିଠେଇଲା ତୁହାକୁ ତୁହା ବର୍ଷା
ସାରାଦିନ ସାରା ଅପରାହ୍ନ
ମୁଁ ଛିଡା ହୋଇଥିଲି
ବର୍ଷା ମହାନ୍ତି ଛତାକୁ ଧରି
ବର୍ଷା ଜାମୁକୋଳି ତୋଳୁଥିଲା
ଲଙ୍ଗଳ ଧରିଥିବା ଚାଷୀଟିଏ
ପାଟିକଲା; ସାବଧାନ
ଜାମାରେ ଜାମୁକଷ ଛାଡିବନି
ଆକାଶରେ ବାଦଲର ଡେଉ ପରେ ଡେଉ
ଡେଉ ତଳେ ଦଳେ ଉଡନ୍ତା ବଗ
ତଳିଧାନ ଉପରେ ପାଣିର ଭଉଁରୀ
କଣ୍ଟାବାଉଁଶ ବୁଦାମୂଳେ ରାବେ ଡାହୁକ
ଉଠାମାଛ ଧରିବାକୁ ବର୍ଷା ବାପା
ଗଡିଆ ଘାଟରେ ଖାଳି ଧରି ବସିଛନ୍ତି
ହିରୋହୋଣ୍ଡା ଚଡି ବର୍ଷା ଭାଇ
ଶରତ ଯାଇଛି କଚେରୀକୁ
ବର୍ଷାତି ନେଲା ନାହିଁ, ଓଦା ହେଉ
ଜ୍ୱର ହେବ, ମଜା ହେବ
ବର୍ଷା ମହାନ୍ତି ଏ ବର୍ଷ ଯୁକ୍ତ ଦୁଇ
ବଣରେ ମୟୁର ନାଚେ ବର୍ଷା ଦେଖିଲେ
ମନେପଡେ ମହାନ୍ତି ଝିଅ କଥା
ଜାମୁକୋଳି ପାଚିଲେ।

ଶ୍ରୀଜଙ୍ଗ, ବାଲେଶ୍ୱର-୪୪

# ନାୟକ ବର୍ଷା

ବିଦ୍ୟାଧର ପଣ୍ଡା

କେବେ ରିମ୍‌ଝିମ୍, କେବେ ଛମ୍‌ଛମ୍
କେବେ ଟପ୍ ଟପ୍ କେବେ ଥମ୍ ଥମ୍।

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ନବମ ସଂଖ୍ୟା
Vol: 2 Issue: 9
October, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ୱାନ

ଆଷାଢର ଆରମ୍ଭରେ ଲାଗେ ନୂଆ ନୂଆ,
ଅଦିନରେ ଆଉ ମେଞ୍ଚେ କୁତୁ କୁତୁ ଯାହା।
ସୂର୍ଯ୍ୟକୁ ତା ନାଲି ଆଖି- ଲୁଚି'ଯା ଲୁଚି'ଯା,
ଚନ୍ଦ୍ରକୁ ଧମକ- ମୋ'ପାଇଁ ସବୁତକ
ଜୋଛନା ରଖିଥା'।
ସଚ୍ଚା ପ୍ରତାରକ। କାହାକୁ ଦିଏନା ଠିକଣା;
ତା'ଛୁଆଁରେ ପୁରୁଖା ନଈ ବି ହୁଏ ବାଟବଣା।
ନଇଁପଡି ସ୍ତନ ଛୁଏଁ ପାହାଡର
ଓଠଚିପି ଛପିଯାଏ ପୁଣି; ତଥାପି
କାଗଜ ଡଙ୍ଗାଠୁ ହଳଦିଆ ପତ୍ରଯାଏଁ- ସଭିଏଁ
ସ୍ୱପ୍ନ ଦେଖନ୍ତି ତା' ପହିଲି ଛୁଆଁର।
ସିଏ ଏକ ଏମିତି ନାୟକ
'ଭାରି ଦୁଷ୍ଟ ତୁମେ' ଶୁଣିଲେ ବି ଫାଶ
ଫିଟାଏନି,
ଖୋଜି ଖୋଜି ଆଖି ଭିଜାଇଲେ
ଠାରେ- ନାଇଁ ନାଇଁ, ବ୍ୟସ୍ତ ଅଛି, ଏବେ ମୁଁ
ଯିବିନି।

ଅଡେଇଗୁଣ୍ଡି, କାନପୁର, କଟକ

## ବର୍ଷା

**ମନୋଜ ଦଳବେହେରା**

ଉପରେ ବର୍ଷାମଖା ଆକାଶ
ତଳେ ଘଡିମୂଳ ଘାଇ ବନ୍ୟା
ଅଯୁତଙ୍କ ହାହାକାର
ଆଉ ଯନ୍ତ୍ରଣାକ୍ଲିଷ୍ଟ ଚିତ୍କାର
ହେ ବର୍ଷା!
ତଥାପି ମୁଁ ତୁମକୁ ଭଲପାଏ;
ଦୁଃଖରେ ଯେତେ ଭିଜିଲେ ବି
ଜୀବନକୁ ଯେମିତି ଭଲପାଏ।
ଦୁଃଖ ଆଉ ବର୍ଷା
ବର୍ଷା ଆଉ ଦୁଃଖ
ସବୁ ଏକ କଥା
ଭିଜି ଭିଜି ଯେତେ ତିନ୍ତିଗଲା ପରେ ବି
ଭିଜିବାକୁ ମନ ଖୋଜୁଥାଏ।

ହାଲିଗଞ୍ଜ, ବାରିପଦା-୨

## ବର୍ଷା

**ଲୋପାମୁଦ୍ରା ସ୍ୱାଇଁ**

ଅବେଳରେ ଆସେ
ଝଲକାଏ ଶୀତଳ ପବନରେ
ଉଙ୍କିମାରେ ରୋଷେଇ ଘର ଝରକାରେ
ଅଣ୍ଟାରେ ପଣତଭିଡି
ଛୁଙ୍କ ଦେଲାବେଳେ।
ଅଚାନକ ବରଷିଯାଏ
ଅମାନିଆ
ଅଗଣାରେ ଲୁଗାପଟା
ଛାତ ଉପରେ ଆଚାର
ବଡି ପାଂପଡ
ଅସ୍ତବ୍ୟସ୍ତ ହୋଇଯାଏ
ଦୁଇଘଡି ପାଇଁ
ଉଚ୍ଛନ୍ନ କରି ସଂସାର
ହଠାତ୍ ଚୁପ୍ କରିଯାଏ
ଉଙ୍କିମାରେ ପୁଣି
ଚେନାଏ ଖରା

ଡା ଜ୍ୟୋତି ପ୍ରସାଦ ପଟନାୟକଙ୍କ ପ୍ରତ୍ୟକ୍ଷ୍ୟ ତତ୍ତ୍ୱାବଧାନରେ ସଂପାଦିତ ଓ ପ୍ରକାଶିତ

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ନବମ ସଂଖ୍ୟା
Vol: 2 Issue: 9
October, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ୱାନ

ମୋ ଝରକାରେ
ଲାଖିରହେ ଯେମିତି
ଟିକିଏ ହସ
ଅବେଳର ଦୁଷ୍ଟାମି ପରେ
ପ୍ରିୟଙ୍କ ଓଠରେ।

କ୍ୱାର୍ଟର ନଂ-ଏମ୍‌ବି/୮୫, ମଧୁବନ, ପାରାଦ୍ୱୀପ

# ବରଷା ଗୋ

ବିମଳା ସିଂ

ବରଷା ଗୋ ତୁମ ପହିଲି ପରଶେ
ଫୁଟେ ମୋ ମନ ରଜନୀଗନ୍ଧା
ତୁମରି ପାଦର ଘୁଙ୍ଗୁର ଶବଦେ
ହୃଦ ମୋ ପଡିଛି ବନ୍ଧା ।
ତୁମରି ଦେହର ବାସନାରେ ଯେବେ
ମୋ'ମନ ଅଗଣା ଯାଏ ଭରି,
ଜହ୍ନର ଛାଇରେ ଖେଳ ଲୁଚକାଳି
ଅମାନିଆ ମନ କରି ଚୋରି,
ତମ ଠୋପା ଠୋପା ପରଶ ଖୋଜେ ମୁଁ
ଜୀବନେ ଏଡାଇ ସବୁବାଧା
ବରଷା ଗୋ ।
ପାହାଡ ମଥାରୁ ଶ୍ରାବଣ ଯେବେ ଗୋ'
ଝରେ ମନର ଝରଣା ହୋଇ,
ବରଷା ଗୋ' ତୁମ ଓଠର ଧାରରୁ
ଜୀବନ ନଇ ମୋ' ଯାଏ ବହି,
ଇନ୍ଦ୍ରଧନୁ ରଙ୍ଗେ ମୋ' ମନର ରଙ୍ଗ
ପ୍ରୀତି ଜୁଆରରେ ମୋ' ଛନ୍ଦା
ବରଷା ଗୋ ।

ସରକାରୀ ଉଚ୍ଚବିଦ୍ୟାଳୟ, ଖଣ୍ଡଗିରି, ଭୁବନେଶ୍ୱର

# ବର୍ଷାଋତୁ

ଶର୍ମିଷ୍ଠା ସାହୁ

ଇଏ ତ ସେଇ ବର୍ଷା ଋତୁ
ଖୁବ୍ ଚିହ୍ନା।
ଛାତିର ଲୁହାଫାଟକରେ ଆଘାତ
ଝରକା ବାଟେ ମେଘକୁ ଅନାଏ
ମେଘବର୍ଣ୍ଣା।

ଫାଟକ ବାହାରେ ସେହି ଆଖି,
ସେଇ ଦୀର୍ଘଶ୍ୱାସ।
ଏତେ ବର୍ଷାରେ ବି ଜାଣେ
ଉଷୁମଥିବ ତା ପାଇଁ ସେ
ସାଇତିଥିବା ଶବ୍ଦ।

କେଜାଣି କେତେ ଦିନରୁ
ସେ ଭିଜିନାହିଁ।
କେଜାଣି କେତେ ରାତିର ଅବସାଦ
ଦହନଙ୍କ କଳଙ୍କକୁ
ସେ ଛୁଇଁ ଛୁଇଁ ଆସିଛି।

ଦୂରତା ଏତେ ଟିକେ,
ଅବରୋଧ ଅୟୁତ ଯୁଗର।
କେବଳ ଶବ୍ଦରେ

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ନବମ ସଂଖ୍ୟା
Vol: 2 Issue: 9
October, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ୱାନ

ଏ ସବୁ ଲିଭାଇ ହେବ।

ମେଘବର୍ଣ୍ଣ ଦେହରୁ ପୋଛେ
ମେଘରଙ୍ଗ ଓ ସଂପର୍କ।
ହୁଏ ନାହିଁ।
ଖାଲି ଅସ୍ୱଚ୍ଛ ହୁଏ ପ୍ରତିବିମ୍ବ।

ସେଇ ଦୁଇ ଆଖିରେ ଆଶ୍ରିତ
ତାର ପ୍ରିୟ ବର୍ଷା ଋତୁ
ଫେରିଯିବ ଏଥର ବି।
ମିଳନ କି ବିରହର।

କ୍ୱାର୍ଟର-ସି-୨୮, ଏମ୍‌ସିଏଲ୍, ବସୁନ୍ଧରା ଏରିଆ, ସୁନ୍ଦରଗଡ଼

# ବର୍ଷା

କେଦାର ମିଶ୍ର

ବର୍ଷା ଗୋଟେ ଗପର ନାୟିକା।

ଗପ ସତ ନୁହେଁ
କଳ୍ପନା ବି ନୁହେଁ
ଛାଇ ଛାଇ ଆଲୁଅରେ
ବର୍ଷା ଏକ ଅନାହତ ଇଚ୍ଛା।
ବର୍ଷା, ନୂଆ ଶତାବ୍ଦୀର ଝିଅ
ଚାଟିଂ କରେ, ଡେଟିଂରେ ଯାଏ
ଡାଏଟିଂ କରେ, ମୋଡେଲିଂରେ
ବାଜି ଲଗାଏ ଭାଗ୍ୟ
ହାରିଜାଣେନା ବର୍ଷା

ବିଜୟରେ ଅସରା ବର୍ଷୁଥାଏ।

ବର୍ଷାଟିକେ ଆଡବାୟାଣୀ ଅବଶ୍ୟ
ଟିକେ ଅବୁଝା, ଭୀଷଣ ମାନିନୀ।

କଥାକାର!
ତୁମେ ଆଙ୍କି ପାରିଲନାହିଁ ବର୍ଷାକୁ
ସିଏ ସେମିତି ମିଳେଇଗଲା ବଡିପାଣିପରି
ଗୋଟେ ଶୂନ୍ୟ ସମୁଦ୍ରରେ।

ବର୍ଷା ଖାଲି ଏକ କରୁଣ ଶୂନ୍ୟତା।

୧୩୮୪/ ୨୩୩୫, ଶାସ୍ତ୍ରୀନଗର, ୟୁନିଟ୍-୪, ଭୁବନେଶ୍ୱର

# ବର୍ଷା

ସୁରେନ୍ଦ୍ର ପାଣିଗ୍ରାହୀ

ବରଷା ଆସଇ
ତୁମ ସ୍ମୃତି ନେଇ
ଭିଜାଭିଜା ଲାଗେ ଦିନ
ମେଘ ବିଜୁଳିରେ
ଶ୍ରାବଣୀ ପ୍ରିୟା ମୋ
ନାଚୁଥାଏ ଝନଝନ।
ବରଷା ଧୁଅଇ
ପାଦର ଅଳତା
ଧୋଇଦିଏ ଓଠନାଲି
ଫୁଲ ଫୁଟିବାର
ବୟସରେ ତୁମେ

ଡା ଜ୍ୟୋତି ପ୍ରସାଦ ପଟନାୟକଙ୍କ ପ୍ରତ୍ୟକ୍ଷ୍ୟ ତତ୍ତ୍ୱାବଧାନରେ ସଂପାଦିତ ଓ ପ୍ରକାଶିତ

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି
ଦ୍ୱିତୀୟ ବର୍ଷ
ନବମ ସଂଖ୍ୟା
Vol: 2 Issue: 9
October, 2007
ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

ହସୁଥାଅ ଖିଲି ଖିଲି।
ନଇ ଆରପଟେ
କିଏ ସେ ବାଟୋଇ
ଡାକେ ତୁହାଇ ତୁହାଇ
ଆସ ପ୍ରିୟ ଆଜି
ମେଘ ବରଷାରେ
ପାତି ବସିଛି ତଲେଇ।
ନାଆରେ ବସି ମୁଁ
ଖୋଜିବି ତୁମକୁ
ବହଳ ମେଘ ଅନ୍ଧାରେ
ଜୀବନ ସାଗର
ଅତଳେ ଭାସିବି
କେତେ ଝଡ ବରଷାରେ।
ତୁମେ ଥିଲାବେଳେ
ଏ ମେଘ ବରଷା
ଲାଗୁଥିଲା କେତେ ଭଲ
ତୁମେ ନାହଁ ସଖୀ
ବରଷା ରାତି ଗୋ
କରୁଅଛି କଲବଲ।
ଏ ବରଷା ରାତି
ଆସିବନି ଆଉ
ହେବା ଆମେ ଦିନେ ପର
ମାଟିଦେହ ଆମ
ଜଳିବ ଶ୍ମଶାନେ
ହେବ ଶୂନ୍ୟ ଅଭିସାର।

ଜି ଏଲ୍-୫୫, ବୀର ସୁରେନ୍ଦ୍ରସାଇ ନଗର, ଭୁବନେଶ୍ୱର

Send in your comments and complements at aahwaan@gmail.com

# ବର୍ଷା ଓ ତା'ପରେ

ଅଶ୍ୱିନୀ ଦାଶ

ଜମାଟ ବାନ୍ଧିହେଇଥିବା ହୃଦୟ
ତରଳେ ବର୍ଷାରେ,
ଝିପ୍ ଝିପ୍ ଶବ୍ଦରେ ନାଚୁଥାଏ
ଲାଲ୍ ରଙ୍ଗର ଯନ୍ତ୍ରଣା,
ତମାମ୍ ଅବଶୋଷର ସ୍ମୃତି
ହୀରା ମୋତିଠୁଁ ମୂଲ୍ୟବାନ।

ବର୍ଷାର ଜଙ୍ଗଲ ଭିତରେ
କୁହାଟ ଛାଡୁଥିବା ବେଙ୍ଗ ଜାଣେନି
ଏଇଟା ଗୋଟାଏ ଋତୁ
ବର୍ଷକେ ଆସେ ଥରେ ଆଉ ଯାଏ
ହେଲେ ଆଘାତ ଦେଇଥିବା
ଆଉ ଖୁସି ଖୁସିରେ ଚୁମା ଦେଇଥିବା
ସବୁ ଜାଗାରୁ କ୍ଷତ ଶୁଖେନି ଜମା।

କାହା ପ୍ରତୀକ୍ଷାରେ
ଝରକା ମେଲିଦେଇଥିବା
ଘରେ ବଢିପାଣି
ଆଉ ଜୀବନ ଡଙ୍ଗାପରି
ଏପଟ ସେପଟ
ମଝି ନଇରେ।

ସମୟ ଛିଟିକାରେ କର୍ଦ୍ଦମାକ୍ତ ମନ
କିଛିକ୍ଷଣ ବାଦ୍
ଇନ୍ଦ୍ରଧନୁ ରଙ୍ଗ ନେଇ ଫେରାର୍

ଡା ଜ୍ୟୋତି ପ୍ରସାଦ ପଟନାୟକଙ୍କ ପ୍ରତ୍ୟକ୍ଷ୍ୟ ତତ୍ତ୍ୱାବଧାନରେ ସଂପାଦିତ ଓ ପ୍ରକାଶିତ

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ନବମ ସଂଖ୍ୟା
Vol: 2 Issue: 9
October, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ୱାନ

ତମାମ୍ ଆକାଶ
ଫର୍ଚ୍ଚା ଦିଶୁଥିବା ସକାଳ।

ଓଡିଆ ଭଣ୍ଡାରୀ ସାହି, ପାରଳାଖେମୁଣ୍ଡି, ଗଜପତି

# ବର୍ଷା-ବାରତା

ବିକାଶ ଦାସ

ହେଇ ଦେଖ
ବର୍ଷା ଆସୁଛି କେମିତି ରାତି ଅଧରେ
ଠକ୍ ଠକ୍ କରୁଛି ଝରକା କବାଟ
ଛାତ ଉପରେ ନାଚିଯାଉଛି
ଘୁଙ୍ଗୁର ପିନ୍ଧା ପାଦ।
କେତେକାଳ ଅପେକ୍ଷା କରୁଥିଲି
ସ୍ୱପ୍ନ ଦେଖୁଥିଲି ଇନ୍ତ୍‌ହାର୍‌ର,
ଲମ୍ବା ଲମ୍ବା ରାତି କାଟୁଥିଲି
ନିଶୁନ୍ କୋଠରୀରେ।
ଏବେ ସମୟ ଆସିଛି
ପ୍ରାପ୍ତିର, ପ୍ରତିଜ୍ଞାର
ଏକ ଅଂଗୀକାର ବଦ୍ଧ ହୃଦୟ ସହ
ସାଲିସ୍ କରି
ସବୁଜ ସଂସାର ନିର୍ମାଣ କରିବାର।
ସେ ଫେରିଯିବା ପୂର୍ବରୁ
ସାଇତିବାକୁ ପଡିବ ତା' ଦାନପାତ୍ରକୁ
ନଈବନ୍ଧତଳେ, ପୋଖରୀ ହୁଡା ଭିତରେ।
କାଗଜ ଡଙ୍ଗା ଭସାଇବାର
ବେଳ ଆଉ ନାହିଁ
କୋଦାଳ ଧରି ଚାଲିଲି
ରୋଇବାକୁ ଧାନ କ୍ଷେତ
ସଜାଡିବାକୁ ବାଡି ଓ ବଗିଚା
ଫୁଟେଇବାକୁ ସୁନାର ଫୁଲ।
ରାନ୍ଧିବାଡି ତୁମେ ପଛେ ପଛେ ଆସ
ଭାତ କଂସା ଧରି ।

ଫେଡେରାଲ୍ କଂପ୍ଲେକ୍ସ୍, ଯାଜପୁର ରୋଡ

# ବୃହନ୍ନ ଚାପୁଡା

ସକାଳୁ ସକାଳୁ କାଳୁ ମହାନ୍ତିଙ୍କ ଘରୁ ବହୁତ ଜୋରରେ ପାଟିତୁଣ୍ଡ ଶୁଣି ପାଣିଗ୍ରାହୀବାବୁଙ୍କ ନିଦ ଭାଙ୍ଗିଗଲା। ରୋଜ୍ ରୋଜ୍ ସେଇ ଝଗଡାଝାଣ୍ଟିରେ ସାହିପଡିଶା ଘାଣ୍ଟି ହେଲେଣି, ହେଲେ ମହାନ୍ତିଘରେ ସେଇ ରୀତିମତ ଝଗଡା ଲାଗିଛି। ଯୋଉ ଦିନୁ ପୁଅକୁ ବାହା କରେଇଛନ୍ତି, ସେହିଦିନୁ ସାହିପଡିଶା ସମସ୍ତେ ନୟାନ୍ତ ହେଲେଣି। ରବିବାରଟା ଭାବି ମଣିଷ ଟିକେ ଦିଘଡି ଅଧିକ କଣ ଶୋଇବ ସକାଳୁ ସକାଳୁ ସାହି ମଝିରେ ବିଶ୍ୱଯୁଦ୍ଧରେ ସୂତ୍ରପାତ ହେଲା।

ପାଣିଗ୍ରାହୀ ବାବୁ କବାଟ ଖୋଲି ବାହାରକୁ ବାହାରିଲେ, ପଡୋଶୀ ନନ୍ଦବାବୁ, ମହାପାତ୍ର ବାବୁ ଆଉ ଦାଶବାବୁ ସମସ୍ତେ ଅନୁରୂପ ନିଜ ନିଜ ଦ୍ୱାରପାଖରେ ଠିଆ ହୋଇଥାଆନ୍ତି। ପାଣିଗ୍ରାହୀ ବାବୁଙ୍କୁ ଦେଖି ନନ୍ଦବାବୁ କହିଲେ, 'ବୁଝିଲେ ପାଣିଗ୍ରାହୀବାବୁ ଏ ସାହିରେ ଆଉ ରହିହେବନାହିଁ ଯାହା ଦେଖୁଛି। ଆମେ ଭୂଲ କରି ଏହି ସାହିରେ ଘରଖଣ୍ଡେ ଖଣ୍ଡେ ତୋଳିଦେଲୁ ସିନା।' ନିଜ ମନର ବିରକ୍ତିଭାବକୁ ମୁହଁଉପରେ ଲେପିଦେଇ ପାଣିଗ୍ରାହୀ ବାବୁ କହିଲେ, 'ଆଉ କେତେ ଦିନ ସହିବା?' ନନ୍ଦବାବୁ କହିଲେ, 'ଆପଣ ଚାହିଁଲେ ଆଜି ହିଁ ସବୁ ସମାପ୍ତ କରିଦେବା। ଚାଲନ୍ତୁ ସମସ୍ତେ ମିଶିକି ଯିବା ଆଉ ମହାନ୍ତିଏଙ୍କୁ ବୁଝେଇବା ଯଦି ବୁଝିଲେ ହେଲା, ନହେଲେ ସାହି ଛାଡିଯିବାକୁ ଧମକ ଦେବା, ନହେଲେ

ଦ୍ୱିତୀୟ ବର୍ଷ
ନବମ ସଂଖ୍ୟା
Vol: 2 Issue: 9
October, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ୱାନ

ପୋଲିସରେ ଖବର ଦେବା।' ଚଷମାକୁ ସଫାକରୁ କରୁ ପାଣିଗ୍ରାହୀ କହିଲେ, 'ଆପଣଙ୍କ ପ୍ରସ୍ତାବ ମନ୍ଦ ନୁହେଁ। ଚାଲନ୍ତୁ, ଆଜି ଯାହା ହେବ ଗୋଟେ ସମାଧାନ କରିବା।'

ମହାନ୍ତି ଘର ବାରଣ୍ଡାରେ ଠିଆହୋଇ କଲିଂ ବେଲ୍ ମାରିଲାପରେ ନୂଆ ନୂଆ ବାହାହୋଇଥିବା ବୋହୁଟା ଝପଟି ଆସି କବାଟଟାକୁ ଧଡ କରି ଖୋଲିଦେଇ କହିଲା, 'କ'ଣ ହେଲା? ଯାତ୍ରା ଦେଖିବା ଆସିଛ ନା କ'ଣ?' କଥାଟା କାହିଁକି କିଛି ଠିକ୍ ଲାଗିଲା ନାହିଁ। ନନ୍ଦ ବାବୁ କହିଲେ, 'ମା' ଆମେ ତୁମ ଶଶୁରଙ୍କ ସହ କିଛି କଥା ହେବାକୁ ଆସିଛୁ, ତାଙ୍କୁ ଟିକେ କହିଦିଅ।' ନୂଆବୋହୁ କେଲ୍‌କାରୀ କରି କହିଲା, 'ଯାହା କହିବାର ଅଛି, ମୋତେ କୁହ।' ମହାପାତ୍ରବାବୁ କହିଲେ, ଦେଖ ମା' ଆମେ ସବୁ ହେଲୁ ଭଦ୍ରଲୋକ। ଚାକିରୀ ବେଉସା କରି ଯେନତେନ ପ୍ରକାରେ ଖଣ୍ଡିଏ ଖଣ୍ଡିଏ ଘର କରିଛୁ, ହେଲେ ରୋଜ୍ ରୋଜ୍ ଏଇ ଯୋଉ ଝଗଡା ତୁମ ଏଇ ଘରୁ ଆସୁଛି, ତାହା ଦେଖିଲା ବେଳକୁ ମନ ଖରାପ ହୋଇଯାଉଛି।'

'ଓହ୍, ତାହେଲେ ଆମ ଘରେ ଝଗଡା ହେଲେ ସବୁ କାନେଇ ଶୁଣୁଛ ନାଇଁ।' ନୂଆବୋହୁ ବହପ କରି କହିଲା ବେଳକୁ ପାଣିଗ୍ରାହୀ ବାବୁ ବିରକ୍ତି ପ୍ରକାଶ କରି କହିଲେ, 'ତୁମକୁ ଆମେ କହିଲୁ ପରା ଯାଅ ତୁମ ଶଶୁରଙ୍କୁ କହିଦିଅ ବୋଲି।' ନୂଆବୋହୁ ବି ଛାଡିବା ଲୋକ ନୁହେଁ, ସାଙ୍ଗେ ସାଙ୍ଗେ ଉତ୍ତର ଦେଲା, 'କାଇଁ ମୁଁ କଣ ତୁମ ଚାକରାଣୀ, ତୁମେ ମୋତେ ଅଡର ଦେବ।' ନୂଆବୋହୁର ପାଟିରୁ କଥା ସରିନି ପାଣିଗ୍ରାହୀବାବୁଙ୍କ ହାତରୁ ଗୋଟିଏ ବ୍ରହ୍ମଚାପୁଡା ବାହାରି ବୋହୁର ଗାଲରେ ପଡିଲା। ହାଁ ହାଁ କରି ବୋହୁଟା ତଳେ କଚାଡି ହୋଇ ପଡିଲା। ବୋହୁର ପାଟିଚୁପ୍ ହେବାପରେ ମହାନ୍ତି ବାବୁ ଆସି ଦେଖନ୍ତି ତ ବୋହୁ ଜମିରେ ପଡି ବେହୋସ୍। ପାଣିଗ୍ରାହୀ କହିଲେ, 'ଚିନ୍ତା କରନି, ଖାଲି ହୋସ୍ ଯାଇଛି, ମରିନି।' ପାଣିଗ୍ରାହୀ ବାବୁ ନିଜ ଘରକୁ ଫେରିଆସିଲେ, ଆଉ ନନ୍ଦ ବାବୁ ମହାପାତ୍ର ବାବୁ ତଥା ଦାଶବାବୁ ସେଇଠି ଠିଆ ହୋଇ ମହାନ୍ତିବାବୁଙ୍କ ଠାରୁ ସମସ୍ତ ବୟାନ ଶୁଣି ଚମକି ପଡିଲେ। ଅବିଶ୍ୱାସ କରିବାର କିଛି ଉପାୟ ନଥିଲା, କାରଣ ମାତ୍ର କେଇ ମିନିଟ୍ ଆଗରୁ ସାମନାରେ ଉଗ୍ର ଚଣ୍ଡୀ ପରି ନୂଆବୋହୁର ନାଚ କରୁଥିବା ଦେଖିଥିଲେ। ହେଲେ ନିରୁପାୟ ହୋଇ ସମସ୍ତେ ଘରକୁ ଫେରିଲେ। କହିବେ ବା କଣ?

ନୂଆବୋହୁଟା ଘରକୁ ଆସିଲା ଦିନଠୁ ଘରେ ନିତି ଝଗଡା ଆଉ ନାଟହାଟ ଚାଲିଛି। କଥା କଥାରେ ଗାଳିଗୁଲଜ କରିବା ସ୍ୱାମୀଙ୍କୁ ଛାଡ ଶାଶୁଶଶୁରଙ୍କୁ ବି ଖାତିର ନ କରିବା ଆଉ ସବୁ ଦେହ ସୁହା ହୋଇଗଲାଣି। ଏବେ ନାଟ ଚାଲିଛି, ଘରୁ ବୁଢ଼ାବୁଢ଼ୀଙ୍କୁ ବାହାର କରିବାପାଇଁ। ପୁଅ ଗେଲବସର ଯୋଉ ଦିନୁ ନବବିବାହିତା ପତ୍ନୀର ନାଟକ ଦେଖିଛି, ଘରୁ ଯାଇଛି ଯେ ଦିନେ ଫେରି ଦେଖିନି ଘରେ କଣ ଚାଲିଛି। କାହିଁକି ବା ଦେଖିବ। ସେ ମନା କରୁଥିଲା, ବାଧ୍ୟକରି ବାହା କରିଦେଇଛନ୍ତି ବାପା ମା'। ବାହାଘର ପରେ ଶଶୁର କହିଥିଲେ, 'ମୋ ଝିଅ ଟିକେ ରାଗି।' ଶଶୁର ହସି ହସି ଯୋଉ କଥାଖଣ୍ଡିକ କହିଥିଲେ ତାହାର ସତ୍ୟାସତ୍ୟ ବିବାହର ପରଦିନ ହିଁ ଜଣାପଡିଗଲା। ଶଶୁରଙ୍କୁ ଫୋନ୍ କଲେ କହିଲେ, 'ବାପ ମୁଁ କହିଥିଲି ନା ମୋ ଝିଅଟିକେ ରାଗି ତୁମେ ବୁଝେଇ ଦିଅ, ବାହା ହେଲଣି ଆଉ କେତେ କେତେ ଦିନ ଆମେ ବୁଡାବାପାମା' ତୁମ ଘରକୁ ଯାଇ ଝିଅକୁ ବୁଝେଇବୁ।'

ରବିବାର ଦିନଟା ଶାନ୍ତିରେ କଟିଗଲା। ଦିନସାରା ଆଉ ମହାନ୍ତିଙ୍କ ଘରୁ ପାଟିତୁଣ୍ଡ ଶୁଣାଯାଇନି। ସଞ୍ଜବେଳକୁ ପାଣିଗ୍ରାହୀଙ୍କ ଛାତ ଉପରେ ବସି ସାହିର ସବୁ ବୟସ୍କମାନେ ମିଟିଂ କଲାବେଳେ କହୁଥିଲେ, 'ଯୋଉ ବ୍ରହ୍ମ ଚାପୁଡା ପଡିଛି ନା' ଝିଅ ଦି ଦିନପରେ ହୋସ୍ ଆସିବ।' କିଏ କହିଲା, 'ହଇ ହେ, କାହିଁ କୁଆଡେ ଶବ୍ଦ ଟିକେ ବି ହେଉନି, ଖଲାସ୍ ହେଇଗଲା କି?' ଏହି ସମୟରେ ସାହିଭିତରେ ପୋଲିସ୍ ଗାଡି ପଶିବା ଦେଖି ସବୁ ହତଚକିତ ରହିଗଲେ। ପୋଲିସ ଗାଡି ଆସି ମହାନ୍ତି ବାବୁଙ୍କ ଘର ଦୁଆରେ ଅଟକିବାପରେ ପାଣିଗ୍ରାହୀ ବାବୁ ଉୟରେ ଛେପ ଡୋକି ପକାଇଲେ। ନନ୍ଦବାବୁ ପରିଶ୍ରା ଯିବେ କହି ଚାଲିଗଲେ। କିଛି ସମୟ ଭିତରେ ସଂପୂର୍ଣ୍ଣ ମଣ୍ଡଳୀ ଅଲଗା

ଡା ଜ୍ୟୋତି ପ୍ରସାଦ ପଟନାୟକଙ୍କ ପ୍ରତ୍ୟକ୍ଷ୍ୟ ତତ୍ତ୍ୱାବଧାନରେ ସଂପାଦିତ ଓ ପ୍ରକାଶିତ

ଦ୍ୱିତୀୟ ବର୍ଷ
ନବମ ସଂଖ୍ୟା
Vol: 2 Issue: 9
October, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ୱାନ

ଅଲଗା ହୋଇ ମହାନ୍ତିଏଙ୍କ ଦୁଆରେ ଯାଇ କଣ ହେଉଛି ଦେଖିବାକୁ ଲାଗିଲେ। ମାତ୍ର କେଇ ମିନିଟ୍ ମଧ୍ୟରେ ମହାନ୍ତିବାବୁ ଓ ତାଙ୍କ ମିସେସ୍‌ଙ୍କୁ ପୋଲିସ ଧରି ଗାଡିରେ ବସାଇଲା। ପଛେ ପଛେ ଅଟୋରେ ବସି ନୂଆବୋହୁ ବି ଚାଲିଗଲା। ଘରୁବାହାରି ଗଲାବେଳେ ମହାନ୍ତିବାବୁ ଘରର ଚାବିକାଠି ଆଣି ପାଣିଗ୍ରାହୀଙ୍କୁ ଦେଇ କହିଲେ, 'ଆମ ଭାଗ୍ୟରେ ଯାହାଥିବ ହେବ। ପୁଅ ଆସିଲେ ଚାବିକାଠିଟା ଦେଇଦେବ।'

ଦକ୍ଷ ଓକିଲ ଭାବେ ପରିଚିତ ପାଣିଗ୍ରାହୀ ବାବୁ ଅବଶ୍ୟ ମାତ୍ର କେଇ ଘଣ୍ଟା ଭିତରେ ଯାଇ ମହାନ୍ତି ଦଂପତିଙ୍କୁ ଫିଟେଇ ଆଣିଲେ। ହେଲେ ସେମାନଙ୍କ ଅପମାନର ମୂଲ୍ୟ କଣ ସେ ଦେଇପାରିବେ। ଆଜି ସକାଳର ସେଇ ଚାପୁଡା ପାଇଁ ତ ବୁଡାବୁଡୀ ଅଯଥା ହଇରାଣ ହେଲେ ନା। ପାଣିଗ୍ରାହୀ ନିଜକୁ ନିଜେ କ୍ଷମା କରି ପାରିଲେ ନାହିଁ। ପରଦିନ ସକାଳୁ ସକାଳୁ ସାଥୀରେ ସରକାରୀ ନଥିପତ୍ର ପୁଳାଏ ଧରି ମହାନ୍ତିଙ୍କ ଘରେ ହାଜର ହୋଇ କହିଲେ, ଏଇ ସବୁ କାଗଜରେ ଦସ୍ତଖତ କରନ୍ତୁ। ବୁଡାବୁଡୀ କିଛି ବୁଝିପାରିଲେ ନାହିଁ। ପାଣିଗ୍ରାହୀ କହିଲେ, 'ବେଶି ହେଇଗଲା ଆଜ୍ଞା, ଭଲ ହୋଇ ଜେଲ୍ ଯିବେ ନା କଣ? ଏଇଠି ଦସ୍ତଖତ କରନ୍ତୁ, ଦେଖିବା କେତେ ବହପ ସେ ଝିଅର। ମହାନ୍ତିଏ କହିଲେ, 'କଥାଟା କିନ୍ତୁ ନିଆରା ହେଇଯିବ। ପିଲା ଦି'ଟାର ଜୀବନ ବରବାଦ ହେଇଯିବ। ନୂଆ ନୂଆ ବାହା ହେଇଛି ତ ଜାଣି ପାରୁନି ଆଗକୁ ଆଗକୁ ସବୁ ବୁଝିବ ସବୁ ଠିକ୍ ହେଇଯିବ ନି?'

ପାଣିଗ୍ରାହୀ କହିଲେ, କୋଉ ପିଲାର ଜୀବନ ସୁଧୁରିଯାଇଛି, ଦେଖିନ ବାହା ଦିନଠୁ ତୁମ ଟୋକାତ ଯାଇ କଲିକତାରେ ଘରକଲା ଯେ ବାହାହେଇ ସାତମାସ ହେଲାଣି ଦିନେ ଦେଖାଦେଲାନି, ଏବେ ବୁଝିପାରୁନ
ସେ କାହିଁକି ଏଇଠିକି ଆସୁନି? ଆଉ ସେ ଝିଅ ଘରେ ଯାହା ନାଟହାଟ କରୁଛି ସବୁ ଆମେ ଦେଖୁଛୁ, ଆପଣଙ୍କୁ ବି ଦେଖିଛୁ, କଣ ଆମେ କିଛି ବୁଝିପାରୁନୁ।' ଘର ଭିତରକୁ ପଶିଆସୁ ଆସୁ ନନ୍ଦବାବୁ କହିଲେ, 'ପାଣିଗ୍ରାହୀ ବାବୁ ଯାହା କହିଲେ ଠିକ୍ କଥା। ଆଜ୍ଞା କେତେ ସହିବେ। ଦିନେ ନା ଦିନେ ତ ଏହାକୁ ବନ୍ଦ କରିବାକୁ ପଡିବ।' ଏମିତି କଥା ହେଉ ହେଉ କୋର୍ଟରୁ ଚିଠିଟିଏ ଆସିଲେ। ନୂଆବୋହୁ ପଠାଇଥିଲା। ତାକୁ ଯଉତୁକ ପାଇଁ ନିର୍ଯ୍ୟାତନା ଦିଆଯାଉଛି ଲେଖି କୋର୍ଟ୍ ନୋଟିସ୍ ପଠାଇଥିଲା।

'ଏହା ଦେଖିଲା ପରେ ବି ଯଦି ତୁମେ ଚୁପ୍ ରହିବ ମହାନ୍ତି ବାବୁ ବୋଲିଏ ତୁମକୁ କେବଳ ଭଗବାନ ଭରସା।' ନନ୍ଦବାବୁ ଏହା କହିଲା ପରେ ମହାନ୍ତିବାବୁ ପାଣିଗ୍ରାହୀ ବାବୁ ଦେଇଥିବା କାଗଜ ସବୁରେ ନିର୍ଭୀକ ହୋଇ ଦସ୍ତଖତ କରିଚାଲିଲେ। ଦୋପହର ବେଳକୁ ପାଣିଗ୍ରାହୀ ବାବୁ ସରକାରୀ ଚିଠିଟିଏ ଆଣି ମହାନ୍ତିଙ୍କ ଘରେ ଦେଇଗଲେ। ସେଥିରେ ଲେଖାଥିଲା, ଯେ ନୂଆବୋହୁ ଶାଶୁଶଶୁରଙ୍କୁ ଅପମାନିର କରୁଥିଲା, ଅଭଦ୍ରୋଚିତ ବ୍ୟବହାର କରୁଥିଲା, ମାନସିକ ନିର୍ଯ୍ୟାତନା ଦେଉଥିବା ଯୋଗୁଁ ସ୍ୱାମୀ ତା ପାଖରେ ନ ରହି ସୁଦୂର କଲିକତାରେ ଘର କରିଥିଲା। ଇତ୍ୟାଦି ଇତ୍ୟାଦି। ମହାନ୍ତିଆଣୀଙ୍କ ଆଖିରୁ ଧାରଟିଏ ଲୁହ ବୋହିଗଲା। କହିଲେ, 'ଆମେ ନିଜ ପୁଅର ଜୀବନକୁ ନଷ୍ଟ କରିଦେଲୁ। ସେ ଏକା ମନା କରୁଥିଲା। ଆମେ ବାଧ୍ୟ କରି ବାହାକରିଦେଲୁ। ବାପାମା'ର ଗୋଟେ ବୋଲି ଝିଅ ଭାରୀ ଅଲିଅଳୀରେ ବଡିଥିବ ଭାବି ଘରକୁ ଆଣିଥିଲୁ, କିଏ ଜାଣିଥିଲା ସେ ନାଗୁଣୀଟିଏ ହେଇଥିବ ବୋଲି।'

ସଞ୍ଜବେଳକୁ ସାହି ପୁରା ଶାନ୍ତ, ସବୁଠି ଗୋଟିଏ କଥା ବୁଡାବୁଡୀକୁ ପାଣି ପିଆଇ ଦେଲା ଝିଅଟା। ନୂଆ ବୋହୁଟେ ହେଇକି କି ଉଦଣ୍ଡୀ ଲୋ ବୋଉ। କିଏ କହିଲେ ମୋ ବୋହୁ ଏମିତି ହୋଇଥିଲେ, କଳିଟା ମୋଡି ସାରିଦେଇଥାନ୍ତି, ପଛେ ଜେଲ୍ ଯାଇଥାନ୍ତି। ଏମିତି କଥା ଚାଲୁଥିବା ସମୟରେ ପୁଣି ମହାନ୍ତିଘରେ ପାଟିତୁଣ୍ଡ ଆରମ୍ଭ ହୋଇଗଲା। ସମସ୍ତ କଳ୍ପନାଜଳ୍ପନାର ଅନ୍ତକରି ନୂଆବୋହୁ ଓ ତା ମା' ଆସି ମହାନ୍ତିଘରେ ବସି ଝଗଡା ଆରମ୍ଭ କରିଦେଲେଣି। ପାଣିଗ୍ରାହୀ ବାବୁ ସମସ୍ତଙ୍କୁ ତାଗିଦ୍ କରି

କହିଲେ, କେହି କିଛି କହିବେ ନାହିଁ ଖାଲି ବସି ନାଟ ଦେଖିବେ, ଆଉ ନେତା ଭଳିଆ ପୁରା ସାହିକୁ ଧରି ମହାନ୍ତିବାବୁଙ୍କ ଘରେ ପଶିଗଲେ ଆଉ ନିରବତାର ସହ ସେଇଠି ବସିଗଲେ। ଏତେ ଲୋକଙ୍କୁ ଦେଖି ମହାନ୍ତିଆଣୀ ଛାନିଆ ହେଲାବେଳକୁ ପାଣିଗ୍ରାହୀ କହିଲେ, 'ଭାଉଜ ଚିନ୍ତା କରନି ଆମେ ସବୁ ଏଇଠି ବସି ଦେଖିବୁ ଆଜି କଣ ସବୁ ନାଟ ହେଉଛି। ନିତିତ ବାହାରେ ଥାଇ ଶୁଣୁଥିଲୁ ଆଜି ଲାଇଭ୍ ଟେଲିକାଷ୍ଟ ଦେଖିବୁ।

ନୂଆବୋହୁ ଇଶାରା କରି ତା ମା'କୁ ଜଣାଇ ଦେଇଥିଲା, ଯେ ଏଇ ହେଉଛନ୍ତି ସେଇ ଭଦ୍ରଲୋକ ଯାହାର ହାତର ଗୋଟିଏ ଚାପୁଡା ଖାଇବା ପରେ ସେ ଚାରି ଘଣ୍ଟାକାଳ ଶେଯରେ ପଡି ରହିଥିଲା। ହେଲେ ପାଣିଗ୍ରାହୀଙ୍କ ଶରୀରର ଆକାର ଓ ମୁହଁ ଉପର ମୋଟା ନିଶକୁ ଦେଖି ସାମାନ୍ୟ ପଛକୁ ହଟିଯାଇ, ସମୁଦୁଣୀ କହିଲେ, ବାହାର ଲୋକେ ଏବେ ଘରର ଫଇସାଲା କରିବେ ନାଇଁ ଦେଖିବି ମୁଁ କେତେ ପାଣି ପିଉଛ। ମହାନ୍ତି ବାବୁ କିଛି ଚୁପ୍ ଥିଲେ ହେଲେ ପାଣିଗ୍ରାହୀଙ୍କୁ ଦେଖି ଜୋଶ୍ ଆସିଗଲା। କହିଲେ, 'ବର୍ତ୍ତମାନ ଆପଣ ମୋ ଘରୁ ବାହାରି ଯାଆନ୍ତୁ, ଆପଣ ପଠାଇଥିବା ସମନ ମୁଁ ପାଇସାରିଛି, କୋର୍ଟରେ ଯାହା ଫଇସଲା ହେବ।' କିନ୍ତୁ ସମୁଦୁଣୀ ନଛୋଡବନ୍ଧା, ଭାରୀ ଜିଦି। କଥା କହିଲାବେଳକୁ ପାଟିରେ ଗୋଡିବାଜିବ ନାହିଁ, ସେ ଚିଲ୍ଲେଇ କରି କହିଲା ବେଳକୁ ମହାନ୍ତି ବାବୁଙ୍କ ଅନୁରୂପ ଶାନ୍ତ ଓ ସରଳ ଭାଷାରେ ଉତ୍ତର ତାଙ୍କୁ ଆହୁରି ଅଧିକ ଉତ୍ୟକ୍ତ କରିଦେଇଥିଲା। ସେ ଝପଟି ପଡି ମହାନ୍ତି ବାବୁଙ୍କ ଗାଲରେ ଚାପୁଡାଏ ଦେବାପୂର୍ବରୁ ପାଣିଗ୍ରାହୀ ବାବୁ ପଛରୁ

ହାତଟାକୁ ଧରିପକାଇଲେ। ଟେଲିଗ୍ରାମ୍ ପାଇ ଘରକୁ ଫେରିଆସିଥିବା ପୁଅ ଘର ଭିତରକୁ ପଶୁଥିବା ସମୟରେ ଏତାଦୃଶ ଦୃଶ୍ୟ ଦେଖି ହତବମ୍ବ ହୋଇ ରହିଗଲା। ସେ ଯା'ହେଉ ସମସ୍ତ ସାହିବାସିନ୍ଦା ମାନେ ଠିଆ ହୋଇପଡିବା ଦେଖି ରାଗ ତମତମ ହୋଇ ସମୁଦୁଣୀ ଝିଅକୁ ଧରି ଘରୁ ବାହାରି ଗଲେ।

ମହାନ୍ତି ବାବୁ ଗଡ ଜିତିଲା ପରି ଖୁସି ଜଣାପଡୁଥିଲେ। ପୁଅ ତାଙ୍କ ପାଦ ଛୁଇଁ ମୁଣ୍ଡିଆ ମାରୁ ମାରୁ କହିଲା, ବାପା ଚାଲ ଆମେ ଏଇଠୁ ପଳାଇବା। ହେଲେ ସାହିବାଲାଏ କହୁଥିଲେ, ' କୁଆଡେ ଯିବ? ପହିଲେ ସେ ମା' ଝିଅକୁ ଟିକେ ଶିକ୍ଷା ଦେଇକି ଯାଅ।' କୋର୍ଟରେ ସାହିଲୋକେ ସମସ୍ତେ ଜଣେ ଜଣେ କରି ସାକ୍ଷୀ ପଡିଲେ, ଆଉ କିଛି ଦିନରେ ହିଁ କେସ୍‌ର ଫଇସଲା ହୋଇଗଲା। ମହାନ୍ତିବାବୁ ଦୁଷ୍ଟ ବୋହୁଠାରୁ ବଞ୍ଚି ଯାଇଥିଲେ। ପୁଅର ଜୀବନ ନଷ୍ଟ ହେଉ ହେଉ ରହିଯାଇଥିଲା। କୋର୍ଟ ବାରଣ୍ଡାରେ ବସି ଲୁହ ପୋଛୁ ପୋଛୁ, ନୂଆ ବୋହୁର ବାପା କହୁଥିଲେ, 'ମୁଁ କି ଦୋଷ କରିଥିଲି ଯେ ମୋତେ ଏ ଦିନ ଦେଖିବାକୁ ମିଳିଲା?' ସେପାଖ ଦେଇ ଯାଉ ଯାଉ ପାଣିଗ୍ରାହୀବାବୁ ଅଟକି ଯାଇ କହିଲେ, 'ଯୋଉ ବ୍ରହ୍ମ ଚାପୁଡାଟିଏ ମୁଁ ଦେଇଥିଲି, ସେଇପରି ଦୁଇତିନୋଟି ଯଦି ଆପଣ ଦେଇଥାଆନ୍ତେ ତେବେ ଝିଅ ଓ ମା' ଦିହେଁ ସଳଖି ଯାଇ ଥାଆନ୍ତେ।'

# ଧାରଣା

ଅଫିସ୍ ଖୋଲାହେବା ସମୟ ହେଲାଣି ଅଥଚ କେହିହେଲେ କର୍ମଚାରୀ ଦେଖା ଯାଉ ନାହାନ୍ତି! ବଡବାବୁ ଭାରି ଅଥୟ ହୋଇପଡିଲେ, ଚାବି ତ ରବି ପାଖରେ ଥିଲା, ସେ କ'ଣ ଆହୁରି ଆସିନି। ଦୂରରୁ ଦେଖିଲେ, ଅଫିସ ସାମନାରେ ଉପଭୋକ୍ତା ମାନଙ୍କ ଭିଡ ଆରମ୍ଭ ହେଲାଣି, ଦିନର କାମ ଆରମ୍ଭ କରିବା ସମୟ ହେଲାଣି, ଅଥଚ ଏଇ ସବୁ ଅକାଳ କୁଷ୍ମାଣ୍ଡ ଯୋଉ ଗୁଡାକ ସରକାର ଦେଇଛନ୍ତି, କିଛି କାମକୁ ନାହାନ୍ତି। ବଡବାବୁ ଶୀଘ୍ର ଶୀଘ୍ର ପାଦ ପକାଇ ଅଫିସ ପାଖରେ ପହଞ୍ଚିଦେଖିଲେ, ଅଫିସ ସାମନାରେ ଥିବା ପଡିଆର ବାମ ପାର୍ଶ୍ୱରେ ଚାରୋଟି ବାଉଁଶ ପୋତି ସାମିଆନା ବାନ୍ଧି ସବୁ କର୍ମଚାରୀ ନିରବରେ ବସିଛନ୍ତି, ବୁଝିବାକୁ ଆଉ ବିଳମ୍ବ ହେଲାନି ଯେ ସେମାନେ ଧାରଣା ଦେଇଛନ୍ତି। ହେଲେ ଧାରଣାର କାରଣ କ'ଣ? ପଛରେ ପୋଷ୍ଟର ଧରି ବସିଥିବା ରବି ଉଠିପଡି

ଦ୍ୱିତୀୟ ବର୍ଷ
ନବମ ସଂଖ୍ୟା
Vol: 2 Issue: 9
October, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ବାନ

କହିଲା, 'ଆମର ଦାବୀ ପୁରଣ ହେଉ' ଆଉ ତା'କୁ ଅନୁସରଣ କରି ଅନ୍ୟମାନେ ବି ଠିକ୍ ସେୟା କହିବା ଆରମ୍ଭ କରିଦେଲେ। ବଡବାବୁ ଅସହାୟ ହୋଇ ସେଇଠି ଠିଆ ହୋଇଥିବା ସମୟରେ ଷ୍ଟେନୋବାବୁ ଆସି କହିଲେ, 'ବଡବାବୁ ଆଉ ବିଳମ୍ବ ନ କରି ଆମ ସାମିଆନା ତଳକୁ ଆସିଯାଆନ୍ତୁ। ଏବେ ହିଁ ଭୁବନେଶ୍ୱରରୁ ଅଫିସର ଆସି ପହଞ୍ଚିଯିବେ, ତାଙ୍କୁ ଆମର ଦାବୀ ଜଣାଇବା ଦାୟିତ୍ୱ ତ ଆପଣଙ୍କର ନା।'

ବଡବାବୁ ଭାରି ବିଚଳିତ ହୋଇ କହିଲେ, 'ରମେଶ ତମେ କଣ କହୁଛ ମୁଁ କିଛି ବୁଝିପାରୁନି। ଧାରଣା କାହିଁକି ଦେଇଛ, ମୁଁ ତ ଜାଣିନି, ଆଉ ମୁଁ କହିବି କ'ଣ?' ରମେଶ ହସିଦେଇ କହିଲା, 'କି କଥା କହୁଛନ୍ତି ଆଜ୍ଞା, ଆପଣ ହିଁ ତ କହୁଥିଲେ ନା, ଯଦି ଆମର ଦାବୀ ପୁରଣ ନ ହୁଏ, ତେବେ ଧାରଣା ଦେବେ, ଦେଖନ୍ତୁ ଆମେ ସବୁ ନିରବ ଧାରଣା ଦେଇଛୁ, କୌଣସି ପ୍ରକାରର ହିଂସା କରିବୁ ନାହିଁ ବୋଲି ବି ଲେଖି ଦେଇଛୁ।' ତଥାପି ବଡବାବୁଙ୍କ ମୁହଁରେ ପ୍ରଶ୍ନଚିହ୍ନ ଦେଖି ରମେଶ କହିଲା, 'ଆଜ୍ଞା, ଆପଣ ବୁଢା ହେଲେଣି ସବୁକଥା ଭୁଲି ଯାଉଛନ୍ତି, ଆମେ ପର ଧାରଣା ଦେଇଛୁ, ଏଇ କାର୍ଯ୍ୟାଳୟକୁ ଭୁବନେଶ୍ୱରକୁ ଉଠେଇନେବା ପାଇଁ। ନିତି ନିତି ଚାଳିଶି କିଲୋମିଟର ବାଟ ବସ୍‌ରେ ଧକ୍କା ଖାଇ ଖାଇ ଆସିବାକୁ ଆଉ ମନ ହେଉନାହିଁ। ଆମେ ସମସ୍ତେ ମିଶି ଠିକ୍ କରିଛୁ ଯେ ଆଜି ଧାରଣାକୁ ନିରବତାର ସହ ଚଳାଇବୁ, ଯଦି ସରକାର ଆମ କଥା ନ ମାନନ୍ତି, ତେବେ ହିଂସାତ୍ମକ ପଦକ୍ଷେପ ବି ନେବାକୁ ପଛାଇବୁ ନାହିଁ।'

ବଡବାବୁ କହିଲେ, 'ମୁଁ କେବେ କହିଥିଲି, ଏଇଠୁ ଅଫିସଟା ଭୁବନେଶ୍ୱର ନେବା ପାଇଁ?'

ରମେଶ କହିଲା, 'ନାଇଁ, କିନ୍ତୁ ଆପଣ କହିଥିଲେ ନା, ଅଫିସକୁ କଂପ୍ୟୁଟର ଯୋଗାଇ ଦେବାପାଇଁ।'

ବଡବାବୁ କହିଲେ, 'ହଁ କହିଥିଲି ତ।'

ରମେଶ କହିଲା, 'ସେଇ ଦାବୀଟା ବି ଆମ ଲିଷ୍ଟରେ ଅଛି।'

'ଲିଷ୍ଟ' ବଡବାବୁ ଚମକି ପଡି କହିଲେ, 'କି ଲିଷ୍ଟ?'

ସେଇଠୁ ସାମିଆନା ତଳେ ବସିଥିବା ସହଯୋଗୀ କର୍ମଚାରୀ ରିତା ଦେବୀ ଉଠିଲେ ଆଉ ହାତରେ ଚିଠା ଧରି ପଡିବାକୁ ଆରମ୍ଭ କରୁଥିବା ସମୟରେ ରମେଶ ତାଙ୍କୁ ଅଟକାଇ ଦେଇ କହିଲା, 'ମ୍ୟାଡାମ୍ ଆଉ ମାତ୍ର ଦଶ ମିନିଟ୍ ଅପେକ୍ଷା କରନ୍ତୁ, ସାଂବାଦିକ ମାନେ ଆସି ପହଞ୍ଚିଯିବେ, ତା'ପରେ ବିସ୍ତାରରେ ଲିଷ୍ଟ ପଡିବେ।' ବାସ୍ ଆଉ କିଛି କୁହାଶୁଣା ହେବାର ଆବଶ୍ୟକ ନଥିଲା। ବଡବାବୁ ବଡ ଅଡୁଆ ପରିସ୍ଥିତିରେ ପଡିଗଲେ। ଅଫିସ୍ ଭିତରକୁ ନ ଗଲେ, ବଡ ଅଫିସରଙ୍କୁ କି ଜବାବ୍ ଦେବେ। ଆଉ ଏ ସବୁ
ଟୋକାଟାକଳିଆ ମାନେ କି ଲିଷ୍ଟ କରିଛନ୍ତି, ତାହା ବି ଜାଣି ପାରୁନାହାନ୍ତି। ଏଇ ପରିସ୍ଥିତିରେ ସେ କ'ଣ କରିବେ କିଛି ବୁଝିପାରିଲେ ନାହିଁ, କାନ୍ଧରେ ବ୍ୟାଗ୍ ଧରି ସେ ଅଫିସ ପରିସରରୁ ବାହାରକୁ ଆସିବାକୁ ଉଦ୍ୟତ ହେଉଥିବା ସମୟରେ ରମେଶ ବଡବାବୁଙ୍କ ହାତ ଧରି ଧାରଣାର ପ୍ରଥମ ଧାଡିରେ ବସାଇଦେଲା।

ସେଇ ସମୟରେ ଧଡଧାଡ୍ କରି ପାଞ୍ଚ ଛଅଟା ଗାଡି ଆସି ଅଫିସ୍ ସାମନାରେ ଅଟକି ଗଲା, ଆଉ ମଲା ଶବଉପରେ ଯେମିତି ଶାଗୁଣା ବେଡିଥାଆନ୍ତି, ଠିକ୍ ସେମିତି ସାଂବାଦିକମାନେ ଘେରିଗଲେ ସାମିଆନାକୁ। ନିଜ ନିଜ କ୍ୟାମେରାରେ ଫୋଟୋ ଉଠେଇବାରେ ବ୍ୟସ୍ତ ହୋଇଗଲେ। ବଡବାବୁଙ୍କ ମୁଣ୍ଡରୁ ଝାଳର ନଦୀ ବହିଆସିଲା। ମନେ ମନେ ବିରକ୍ତ ହେଲେ ବି ଆଉ ସେଇଠୁ ହଟିବାର ପ୍ରଶ୍ନ ଉଠୁନଥିଲା। ଯାହା ହେଲେବି ଏବେ ଫୋଟୋ ଉଠି ସାରିଲାଣି, ଉଚ୍ଚ ଅଫିସର ଦେଖିବେ ନିଶ୍ଚୟ, ତେଣୁ ସେ ଅନିଚ୍ଛାସତ୍ତ୍ୱେ ରବିର ଦାବୀ ସହ ସ୍ୱର ମିଶାଇ 'ଆମର ଦାବୀ ପୁରଣ ହେଉ' କହିବା ଆରମ୍ଭ କରିଦେଲେ।

ବର୍ତ୍ତମାନ ସମୟଥିଲା ଦାବୀ ଗୁଡିକ ବିଷୟରେ ସାଂବାଦିକ ମାନଙ୍କୁ ଜଣାଇବା। ରିତାଦେବୀ ଶାଢୀ ସଜେଇ ହୋଇ ଠିଆ ହୋଇପଡିଲେ ଆଉ ଦାବୀ ଗୁଡିକୁ ପଡିବା ଆରମ୍ଭ କଲେ। ପ୍ରଥମ ଦାବୀ ଏହି କାର୍ଯ୍ୟାଳୟକୁ ଭୁବନେଶ୍ୱର ଉଠେଇ

ନିଆଯାଉ। ଦ୍ୱିତୀୟ ଦାବୀ, ସମସ୍ତ କର୍ମଚାରୀଙ୍କୁ ସହରରେ ରହିବା ନିମନ୍ତେ ପକ୍କା କ୍ୱାର୍ଟରର ବ୍ୟବସ୍ଥା କରିଦିଆଯାଉ। ତୃତୀୟ ଦାବୀ, ସମସ୍ତ କର୍ମଚାରୀଙ୍କୁ ସହରରେ ରହିବାପାଇଁ ଅଧିକ ପାଞ୍ଚ ପର୍ସେଣ୍ଟ୍ ମହଙ୍ଗାଭତ୍ତା ଦିଆଯାଉ। ଚତୁର୍ଥ ଦାବୀ,

ଏଇମିତି ଦାବୀର ଲିଷ୍ଟ ଶୁଣୁ ଶୁଣୁ ବଡବାବୁଙ୍କ ମଥା ଘୁରାଇବା ଆରମ୍ଭ କଲା। ସେ ସାମିଆନା କଡକୁ ଯାଇ ଯେମିତି ଶୋଇବାକୁ ଚେଷ୍ଟା କରିଛନ୍ତି ପିଉନ୍ ରବି କହିଲା, 'ବଡବାବୁ ବେହୋସ ହୋଇଗଲେ। ମାତ୍ର ତାଙ୍କୁ କିଏ ବି ଟୋପାଏ ପାଣି ଦେବନି, ଆମ ବଡବାବୁ ଆମପାଇଁ ଯୋଉ ନିର୍ଜଳ ଉପବାସ ରଖିଛନ୍ତି, ଆମେ ରାହାକୁ ସମର୍ଥନ କରିବା।' ଏହା ଶୁଣୁ ଶୁଣୁ ସବୁ ସାଂବାଦିକ ବଡବାବୁଙ୍କ ଉପରେ କ୍ୟାମେରା ନିକ୍ଷେପ କଲେ। ବଡବାବୁ କିଛି କହିବାକୁ ଉଦ୍ୟତ ହୁଅନ୍ତେ ରବି କହିଲା, 'ଆଜ୍ଞା ଆପଣଙ୍କ ବଳିଦାନ ଆମକୁ ସଫଳତା ନିଶ୍ଚୟ ଆଣିଦେବ। ସମସ୍ତେ ଏକ ସ୍ୱରରେ କୁହ, 'ବଡବାବୁ ଜିନ୍ଦାବାଦ୍।' ସକାଳୁ ସକାଳୁ ପେଟେ ପଖାଳ ପକେଇ ଆସିଥିବା ବଡବାବୁ ନିର୍ଜଳ ଉପବାସ କରିଛନ୍ତି ବୋଲି ଘୋଷଣା ହେବାପରେ ସାଂବାଦିକ ମାନଙ୍କ ଦଳ ସଂଖ୍ୟା ବଢିବାକୁ ଲାଗିଲା। ମାତ୍ର କେଇ ମିନିଟ୍ ଭିତରେ ଧାରଣା ସ୍ଥଳରେ ପହଞ୍ଚିଯାଇ ଅଞ୍ଚଳର ବିରୋଧୀଦଳ କର୍ମକର୍ତ୍ତା ନିଜ ସାଥୀଙ୍କୁ ନେଇ ଧାରଣାରେ ବସି ଉଚ୍ଚ ସ୍ୱରରେ ମୁଖ୍ୟମନ୍ତ୍ରୀ ମୁର୍ଦ୍ଦାବାଦ୍ ବୋଲି ପାଟି କରିବା ଆରମ୍ଭ କରିଦେଲା।

ଅଫିସ କର୍ମଚାରୀ ଏବେ ଚାହିଁଲେ ବି ସେଇଠୁ ଉଠି ପାରିଲେ ନାହିଁ କି ନେତାକୁ କିଛି କହିବାର ସାହସ କରିପାରିଲେ ନାହିଁ, ତେଣେ ବ୍ଲଡ୍ ପ୍ରେସର୍ ରୋଗୀ ବଡବାବୁ ମୁହଁ ବୁଲେଇ ହେଇ ପଡିଥିବା ସତ୍ତ୍ୱେ କେହି ତାଙ୍କ ଖବର ଅନ୍ତର ପଚାରି ବୁଝିଲେ ନାହିଁ। ଦିପହର ବେଳକୁ ଟିଭିରେ ଏଇ ଖବର ଦେଖି ବିଭାଗୀୟ ମନ୍ତ୍ରୀଙ୍କ ହୋସ୍ ଉଡିଗଲା। ପଚାରି ବୁଝିଲେ ସେ ବଡବାବୁ କିଏ ତାଙ୍କ ଫାଇଲ୍‌ଟା ଆଣ। ସଞ୍ଜ ହେଉ ହେଉ ଭୁବନେଶ୍ୱରରୁ ଚିଠି ଆସି ପହଞ୍ଚିଗଲା। ବଡବାବୁଙ୍କୁ ଭୁବନେଶ୍ୱର ବଦଳି କରି ଦିଆ ଯାଇଥିଲା। ବଡବାବୁଙ୍କ ଅନେକ ଦିନର ସ୍ୱପ୍ନ ପୁରଣ ହୋଇଥିଲା ସତ, କାରଣ ନିଜର ଦି ଦିଟା ପୁଅ ଭୁବନେଶ୍ୱରରେ ରହନ୍ତି, ଆଉ ନିଜ କାର୍ଯ୍ୟକାଳ ଭିତରେ ବଡବାବୁ ଯାହା କିଛି ଉପରୁ ଆଉ ତଳୁ ପାଇଥିଲେ ସେଥିରେ ଭୁବନେଶ୍ୱରରେ ଦି'ଟା କୋଠା ବାଡେଇ ଥିଲେ, ଏବେ ସେଇଠି ରହି ସେ ସବୁର ଦେଖାଶୁଣା କରିବା ବି ହେବ କହି ସେ ଧାରଣାରୁ ଉଠି ସିଧା ଘରକୁ ଚାଲିଲେ। ଅନ୍ୟ କର୍ମଚାରୀ ସବୁ କିଂକର୍ତ୍ତବ୍ୟ ବିମୁଢ ହୋଇ ସେଇଠି ବସି ରହିଲେ।

ସକାଳ ହେଲା, ପୁଣି ଥରେ ଧାରଣା ଆରମ୍ଭ ହେଲାବେଳକୁ ବଡବାବୁ ବୀରଦର୍ପରେ ଆସି କହିଲେ 'ରବି ଅଫିସ୍ ଚାବି ଦେ।' ସେ ଅମଙ୍ଗ ହେବା ଦେଖି କହିଲେ, 'କ'ଣ ଆଗକୁ ବଢିବାକୁ ଇଚ୍ଛା ହେଉନି କି?' ବଡ ବାବୁଙ୍କ କଥାରୁ ଇଶାରା ପାଇ ରବି ଦଉଡି ଯାଇ, ଅଫିସ ତାଲା ଖୋଲିଦେଲା, ଚାବି ଖୋଲୁ ଖୋଲୁ କହୁଥିଲା, 'ଆଜ୍ଞା, ମୋତେ ବି ଭୁବନେଶ୍ୱର ଟିକେ ନେଇଯାଆନ୍ତୁ। ଏଇଠି ମୋ ପିଲା ଦି'ଟା କି ପାଠ ପଢ଼ିବେ କି ବଡ ହେବେ ଆଜ୍ଞା?' ବଡବାବୁ କହିଲେ, 'ହଉ ଦେଖିବା।' ବାସ ଆଉ ମାତ୍ର ଦଶ ମିନିଟ୍ ପରେ ସାମିଆନା ତଳେ ବସିଥିବା ସବୁ କର୍ମଚାରୀ ଅଫିସରେ ଆସି ନିଜ ନିଜ ସିଟ୍‌ରେ ବସି ପଡିଲେ। କୁଜି ନେତା ଏ ଅବସ୍ଥା ଦେଖି, ମୁହଁ ଲୁଚେଇ ପଳେଇଗଲା। ସଞ୍ଜ ହେଉ ହେଉ ସବୁ କର୍ମଚାରୀ ମିଶି ବଡବାବୁଙ୍କୁ ବିଦାୟ ଦେବାପାଇଁ କ'ଣ ବ୍ୟବସ୍ଥା କରିବା ଚିନ୍ତାକଲେ। ଯେତେହେଲେ ସେ ମନ୍ତ୍ରୀଙ୍କ ପାଖଲୋକ, ନହେଲେ ମନ୍ତ୍ରୀ କ'ଣ ନିଜେ ସେ ଚିଠି ନିଜ ସେକ୍ରେଟାରୀ ହାତରେ ପଠାଇ ଥାଆନ୍ତେ କି?

ଦିନେ ଗଲା, ଦି ଦିନ ଗଲା, ଅଫିସର ସବୁ ନଥିପତ୍ର ଠିକ୍ ଠାକ୍ କରିଦେଇ ବଡବାବୁ ବର୍ତ୍ତମାନ ରିଲିଭ୍ ହୋଇ ଯିବାକୁ ତୟାର ହୋଇଗଲେ। ବଡବାବୁଙ୍କ ସ୍ଥାନରେ ତ କେହି ଆସି ନାହାନ୍ତି, ତେଣୁ ବଡବାବୁ ତ୍ରିଶଙ୍କୁ ଅବସ୍ଥାରେ ରହିଲେ। ଦିନଗଲା ହପ୍ତା ଗଲା, ମାସ ଗଲା, ମାସେ ଗଲା ପରେ ବି କେହି ଆସିଲେ ନି। ଏଣେ ବଡବାବୁଙ୍କୁ ଛାଡିଲେ ଅଫିସ ବନ୍ଦ ହେଇଯିବ ନ୍ୟାୟରେ ବଡବାବୁ କିଛି କାମଧାମ ନ କରି

ଦ୍ୱିତୀୟ ବର୍ଷ
ନବମ ସଂଖ୍ୟା
Vol: 2 Issue: 9
October, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ୱାନ

ଅଫିସରେ ବସି ବସି ବିରକ୍ତ ହୋଇଗଲେ। ପୂର୍ବବତ କାମରେ ଧ୍ୟାନ ଦେବା ସମୟରେ ଦିନେ ସରକାରୀ ଚିଠି ଧରି ଡାକପିଉନ୍ ଆସି ପହଞ୍ଚିଲା। ଲଫାଫା ଉପରୁ ସରକାରୀ ମୋହର ଦେଖି ବଡବାବୁ ଭାରୀ ଖୁସି ହେଇ ଚିଠିକୁ ଖୋଲି ଦେଖିଲେ ତ ନିଜର ହୋସ୍ ଉଡିଗଲା। ଦୁଇ ଦୁଇଟା ଚିଠି ଗୋଟିଏ ଲଫାଫାରେ ଥିଲା। ପ୍ରଥମଟା ତାଙ୍କର ରାଜଧାନୀକୁ ବଦଳି ବାତିଲ୍ ହୋଇଥିଲା, ଆଉ ଦ୍ୱିତୀୟଟା, ସେ ଯେଉଁ ଧାରଣା ନାଟକ କରି ଦୁଇଦିନ ସରକାରୀ ଅଫିସକୁ ବନ୍ଦ କରିଥିଲେ ତା'ର କୈଫିୟତ ମଗା ଯାଇଥିଲା।

ବଡବାବୁ ଏବେ ବୁଝିପାରୁଥିଲେ ତାଙ୍କର ହଠାତ୍ ଭୁବନେଶ୍ୱର ବଦଳି ହୋଇଯିବା ପଛରେ ଥିବା ସରକାରୀ କଳର ନିହିତ ଉଦ୍ଦେଶ୍ୟ। ଅଫିସରେ ବସିଥିବା ସମସ୍ତ ସହକର୍ମୀଙ୍କୁ ବିକଳ ହୋଇ ଚାହୁଁଥିଲେ ଆଉ ଖାଲି କପାଳରେ ହାତ ମାରୁଥିଲେ ସିନା।

# ବର୍ଷା ଗଳ୍ପ ଗୁଚ୍ଛ

## ବତୁରା ଚାଉଳ

**ଜୟନ୍ତ ବାରିକ**

ମେଘୁଆ ଆକାଶରେ ଭସା ବାଦଲ ଓ ବିଜୁଳିର ଝଲମଲ ରୋଶଣି। ଦଲକାଏ ସୁଲୁସୁଲିଆ ପବନ ଅଜାଣତରେ ପଶିଆସିଲା ସୁଲେଇର କଅଁଳ ମନ ଭିତରକୁ। ନୁଆଁଣିଆ ଚାଳଘରୁ ବାହାରି ଅଗଣାରେ ଓଳିପାଣିକୁ ଆଡଉ ଆଡଉ ଆକାଶକୁ ଚାହିଁଦେଲା ସୁଲେଇ। ମନରେ ଆନନ୍ଦ ଭରିଗଲା। ଭାବିଲା, 'ଆଜି ରାତିଟାଯାକ ଏମିତି ବରଷା ବରଷନ୍ତା କି? ସାହୁଘର ଖାଲ ବିଲ, ପାଣିପାଟ ଜଳ ଭରିଯାଆନ୍ତା। କାଲି ମତେ ବିଲବଛା, ତଳି ଓପଡା ଓ ତଳି ରୁଆ କାମ ମିଳନ୍ତା।'

ବିଚରା ବିଧବା, ମାଇପିଟା ସୁଲେଇ। ଖରା ତିନିମାସ ପେଟରେ ଓଦାକନା ଦେଇ ବସିଥିଲା। ଏଡେ ବଡ ଟାଣ ଖରାରେ କିଏ ବା ତାକୁ କାମକୁ ଡାକିବ? ସହଜେ ଅବଳା ଦୁର୍ବଳା, କାଳେ କୋଉ କଥା ଏ ଭୟରେ କାମ ମିଳୁନଥିଲା ସୁଲେଇକୁ। ହେଲେ ଆଜିର ଏ ବରଷା ତା' ମନରେ କେତେ କ'ଣ ଆଶା ଭରି ଦେଇଛି।

ସତକୁ ସତ ସାହୁଘର ହଳିଆ ବଡିଭୋରରୁ ଡାକ ଦେଲା, 'ସୁଲେଇ, ଏ ସୁଲେଇ, ଆଲୋ ଆଜି ତଳି ରୋଇବାକୁ ଯିବୁ?' ଏ ଡକରାକୁ ସେ କାହିଁ କେତେଦିନୁ ଚାହିଁ ବସିଥିଲା, ଏ ବରଷାକୁ ମଧ୍ୟ। ଲୁଗାକାନିରେ ଆଖି ପୋଛୁ ପୋଛୁ ତର ତର ହୋଇ ଧାଇଁ ଆସି କହି ପକାଇଲା, 'ହଁ, ଯିବି ତଳି ଓପାଡିବାକୁ, ରୋଇବାକୁ ବି।'

ନାହିଁ ନଥିବା ବରଷାରେ ମୁଣ୍ଡରେ ପଛିଆ ଦେଇ ସୁଲେଇ ତଳି ରୋଉଥାଏ ନଇଁ ନଇଁ। ଭାବିଲା, ମନେ ପଡିଗଲା, 'ଚୁଲି ଓ ଦିଆସିଲି ଛାଟ ମାରି ଓଦା ହେଉଥିବ। ସାହୁଆଣି ସିନା ଆଜି ଚାଉଳ ସେରେ ଦେବେ ଘରକୁ ଫେରିଲା ବେଳକୁ, ହେଲେ ଜାଳ ପୁଳାକ ଓଦା ହେଉଥିବ। କ'ଣ ଜାଳି ରୋଷେଇ କରିବି। ଚୁଲି ବି ଓଦା। ଏ ରଇଜଳା ଗାଁ ଲୋକେ ତ ଜଙ୍ଗଲ କାଟି ସଫା କରିଦେଲେ। ଜାଳକୁ ମରୁଡି ପଡିଲା।'

ବିଚରା ସୁଲେଇର ମନକୁ କେତେ ପ୍ରଶ୍ନ ଘାରିଲା। ଖରାଦିନ ଜାଳଥିଲା ଚାଉଳ ନଥିଲା। ହେଲେ ଆଜି ଏ ଘୋର ବରଷାରେ କାମ ମିଳିଲା, ଚାଉଳ ମିଳିଲା ସିନା ଜାଳ ଓଦା।

କାଦୁଅ ଉପରେ ନଇଁପଡି ଏମିତି ଭାବନା ଭିତରେ ହଜିଯାଇ ସୁଲେଇ ମନକୁ ମନ କହିଲା, 'ହଁ, କେତେଥର ତ ଜାଳ ଅଭାବରୁ ଭାତ ରାନ୍ଧିହୁଏନି। ଆଜି ଚାଉଳକୁ ପାଣିରେ ଭିଜେଇ ତୋବେଇଦେଲେ କ'ଣ ହେବନି? ପେଟ ପୁରିଲେ ହେଲା।'

ବେକ ଉଠେଇ ସୁଲେଇ ଆକାଶକୁ ଆଡକୁ ଅନେଇ ମେଘକୁ କହିଲା, 'ବରଷ ଆହୁରି ବରଷ!'

ବିଦ୍ୟାଧରପୁର, କଟକ

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ନବମ ସଂଖ୍ୟା
Vol: 2 Issue: 9
October, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ୱାନ

# ଉତ୍ତରଣ

ପ୍ରିୟଂବଦା ପାତ୍ର

ମୋ' ବାହାଘର ଯେଉଁଦିନ ହେଲା, ତା' ଆଗଦିନ ରାତିରେ ମୁଁ ଶୋଇନଥିଲି, ଖୁବ୍ ଖୁସିଥିଲି। ଶେଜରେ ଏମିତି ପଡି ରହିଥିଲି। ଅଧାରାତି ପର୍ଯ୍ୟନ୍ତ ମଞ୍ଜୁଆତି ଯେମିତି ବିଲିବିଲା ନ ହୋଇଯାଏ ସେଥିପ୍ରତି ସତର୍କ ଥିଲି। ସାଢେ ତିନିଟା ରାତିରେ ବୋଉ ଆସି କହିଲା- ଗାଧୋଇବୁ ଯା'। ବାଥରୁମ୍‌ରେ ହଳଦୀ ରଖିଛି। ହଳଦୀ ମାଖି ଗାଧୋଇପଡିବୁ। ମୁଁ ବାଥ୍‌ରୁମ୍‌ରେ ପଶିଲି। ମନେ ପଡିଗଲା ଭିକୋ ସାବୁନ୍ ବିଜ୍ଞାପନରେ ଜଣେ ସୁନ୍ଦରୀ ତରୁଣୀଙ୍କୁ ହଳଦୀ ବୋଳି ଦେଉଥିବାର ଦୃଶ୍ୟ। ବିକଳ ଲାଗିଲା। କାହିଁ ମୋତେ ତ କିଏ ହଳଦୀ ଲଗେଇ ଦେଉନାହାନ୍ତି। ସେଠୁ ମୁଁ ଟିକେ ଅଲାଜୁକୀ ହୋଇ ଡାକ ପକାଇଲି ଆଇକୁ- 'ଆ, ମୋ ଦେହରେ ହଳଦୀ ମାଖିଦେ।' ସେ ଆସିଲା କହିଲା ବିଧବାଲୋକ ଲଗେଇବେନି। ମୁଁ ତା'କୁ କହିଲି- ରାଜା ରାମମୋହନ ରାୟ ରାଗିଯିବେ ଯେ ତୁ ମୋତେ ହଳଦୀ ନଲଗେଇଲେ। ତୁ ଗାଧୋଇଦେଲେ ମୁଁ ଗାଧୋଇବି ନଇଲେ ନାଇଁ ଇଁ ଇଁ।

କାହିଁ ଆଉ କେହି ଆସିଲେନି।

ଆଇ ଜନ୍ମବେଳେ ହଳଦୀ ଲଗେଇ ଗାଧୋଇ ଦେଇଥିଲା। ଆଜି ବି ଦେହସାରା ଲଗେଇଦେଲା ତା'ର ବିଧବାତ୍ୱକୁ ଅତିକ୍ରମ କରି। ସେ ଖୁସ୍, କାହିଁକିନା, ବିଧବା ହୋଇ ଶୁଭକାମରେ ଅଲଗା ରହି ରହି ତା' ଭିତରେ ଏକ ବିଦ୍ରୋହ ଭାବ ଦେଖା ଦେଇଥିଲା। ଆଜି ସେ ଗୋଟେ ନିୟମକୁ ଭାଙ୍ଗିଦେଲା। ମୁଁ ବି ଖୁସି ଆଇର ଖୁସିରେ। ସେଠାରୁ ସିଧା ଛାତ ଉପରକୁ ଚାଲିଗଲି। ଆକାଶକୁ ଅନାଇଲି। ଆକାଶଟା ଘନୀଭୂତ ଶୀତଳପିଣ୍ଡ। ଅନାଇଲି, ଅନାଇଲି। କିଛି ସମୟ କାନ୍ଦିଲି ଏକା ଏକା। ବଡପାଟିରେ ହରିହର ମିଶ୍ରଙ୍କ ରଚିତ 'ତପସ୍ୟା' ଫିଲ୍ମର 'ଡାକିଦିଅ ସାରା ଧରଣୀରେ ଆଜି ତୁମରି ଆଶିଷ ଧାରା' ଗୀତଟି ବୋଲିଲି। ନିରବ ହୋଇଗଲି ନିରବତାରେ। ହଠାତ୍ ଛୋଟ ଛୋଟ ଜଳବିନ୍ଦୁ ମୋ ଆଖି ପତା ଉପରେ ପଡିଲା। ଜଣେ କେହି ମୋତେ ଅମୃତବର୍ଷାରେ ସ୍ନାନ କରାଇଲେ। ତାଙ୍କ ଉଦ୍ଦେଶ୍ୟରେ ମୁଁ ପ୍ରଣାମ କଲି।

(୨)

ଅନେକ କୋଳାହଳରେ ବିଭାକାମ ଚାଲିଲା। ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟାପକ ମହୋଦୟ ଆମ ଦୁହିଁକୁ ବାରମ୍ବାର ମନ୍ତ୍ରପ୍ରତି ଗ୍ରହଣଶୀଳ ହେବାକୁ କହୁଥା'ନ୍ତି। ଆମ ଦୁହିଁକୁ କିନ୍ତୁ ସେ ଅନୁଷ୍ଠାନ ଭାରି ଯାନ୍ତ୍ରିକ ଓ ଅର୍ଥହୀନ ମନେ ହେଉଥିଲା। ମନ୍ତ୍ରପ୍ରତି ମୁଁ ଆଦୌ ଉନ୍ମୁଖ ନଥିଲି। ମତେ ଭଲ ଲାଗୁଥିଲା ମୋ ପ୍ରିୟ ମଣିଷମାନଙ୍କୁ ଏ ଅବସରରେ ଦେଖିବା। ସମସ୍ତେ ହସୁଥିଲେ, ତା'ଭିତରେ ମୁ। ସମସ୍ତଙ୍କର ଆଶୀର୍ବାଦ ଓ ଶୁଭେଚ୍ଛାକୁ ଅନୁଭବ କରୁଥିଲି। ନର୍ସରି ବେଳର ଗୁରୁ, ୟୁନିଭର୍ସିଟିର ପ୍ରଫେସର ସବୁ ଉପସ୍ଥିତ ଥିଲେ। ସଭିଏଁ ଆମର ଯୁଗ୍ମ ଜୀବନର ସାଫଲ୍ୟ ନିମନ୍ତେ ଆଶୀର୍ବାଦ କରି ଯେ' ଯାହା ଘରକୁ ଫେରିଲେ।

(୩)

ବାହାଘର ଦିନ ରାତିରୁ ହିଁ ଆମେ ଚାଲିଗଲୁ ବାରୁଆ। ବାରୁଆ ଆନ୍ଧ୍ରପ୍ରଦେଶର ଗୋଟେ ସମୁଦ୍ରକୂଳିଆ ଗାଁ। ଆଗରୁ ଆମ ପଡିଶାଘର ପିକାବାଲାଘର ଲୋକଙ୍କ ସଂପର୍କୀୟ ଆମ ରହିବା ବ୍ୟବସ୍ଥା କରିଥିଲେ। ସମୁଦ୍ରକୂଳରେ ଜଣେ ଅପରିଚିତଙ୍କ ଘରେ ଆମେ ପହଞ୍ଚିଲୁ।

ପୁରୁଷ ଓ ମୁଁ ଆମର ସାମାନପତ୍ର ଧରି ରୁମ୍ ଭିତରେ ପଶିଲୁ। ପୁରୁଷ ବସିଗଲେ ଖଟଉପରେ। ଅନେକ ସମୟଧରି ମୋତେ ଅନେଇଲେ। ଦୀର୍ଘଶ୍ୱାସ ଛାଡି କହିଲେ- ଶେଷରେ ତୁ ମୋ'ର ହେଲୁ। ହଠାତ୍ ସେ ଉଠିପଡି କହିଲେ- ତତେ ମୁଁ ଆଜି ଗୋଟେ ବଡିଆ ଜିନିଷ ଉପହାର ଦେବି।

ମୁଁ ସେମିତି ଠିଆ ହୋଇଥାଏ। ସେ ମୋ' ହାତରେ ସୁନାପାଣିଦିଆ ସିନ୍ଦୁର ଫରୁଆ ଟିଏ ଧରାଇ ଦେଲେ। ମୋ ଆଖିରୁ ପାଣି ବୋହିଗଲା। ମୁଁ ତାଙ୍କ ହାତକୁ ଚିପିଧରିଲି। ଆମେ

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ନବମ ସଂଖ୍ୟା
Vol: 2 Issue: 9
October, 2007

ବର୍ତ୍ତମାନ ଏକ ନୂଆ ରୂପରେ ଏବଂ ନୂଆ ବେଶରେ: ପ୍ରତ୍ୟେକ ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ୱାନ

ଦୁହେଁ ଚୁପ୍ ଥିଲୁ ଅନେକ ସମୟ ଯାଏଁ।

କଣ ଭାବୁଥିଲେ ପୁରୁଷ ସେ ସମୟରେ।!

ପୁରୁଷ କହିଲେ- ଯା' ଗାଧୋଇପଡ, ଶାଢୀ ବଦଳାଇଦେ।'

ସେଠୁ ମୁଁ ଆଟାଚିକାଡି କେଉଁ ଶାଢୀଟା ପିନ୍ଧିବି ବୋଲି କହିଲାରୁ ସେ ମୋତେ ଅନେଇଲେ। ତା'ପରେ ବାଛିବାରେ ଲାଗିଲେ।

ନୀଳ ଆକାଶର ରଙ୍ଗ। ସେଥିରେ ପାହାଡ, ଝରଣା ନଡିଆଗଛ। ଭାରି ହାଲୁକା। ସେହି ଶାଢୀଟିକୁ ଧରି ମୁଁ ଗାଧୁଆଘରକୁ ଗଲି। ମନଭରି ଗାଧୋଇଲି। ଫେରିଲି ଶାଢୀପିନ୍ଧି। ହାଲୁକା ଶାଢୀ ପିନ୍ଧି ହୃଦୟ ଭିତରେ ବି ଖୁବ୍ ହାଲୁକା ଲାଗୁଥିଲା।

ପୁରୁଷ କହିଲେ- ଶାଢୀଟି ତୋତେ ମାନୁଛି।

ସିନ୍ଦୁର ପିନ୍ଧାଇଦେଲେ ପୁରୁଷ।

ତା'ପରେ ମୁଁ କିଛି ସମୟ ଧ୍ୟାନସ୍ଥ ହେଲି। ସେଇ ଅଦୃଶ୍ୟ ମାତୃଶକ୍ତିକୁ ଆବାହନ କଲି। ତା'ପରେ ପୁରୁଷ ନିକଟକୁ ଲେଉଟିଲି।

ପୁରୁଷ ମୋତେ ତାଙ୍କ ପାଖକୁ ଆସ୍ତେ ଆସ୍ତେ କୋଳେଇନେଲେ। ଖୁବ୍ ଧୀରେ ମୋ ମଥାକୁ ଓଠରେ ସ୍ପର୍ଶକଲେ। ମୁଁ ଆଉଥରେ ଭିତରେ କାନ୍ଦି ପକାଇଲି।

ପୁରୁଷ ମୋତେ ଆଲିଙ୍ଗନ କଲେ ଓ ଆଲୁଅ ଲିଭାଇଦେଲେ। ଏଥର ସେ ମୋ'ପ୍ରତି ଯେଉଁ ବ୍ୟବହାର କଲେ ସେଥିରେ ଲାଳିତ୍ୟ ନଥିଲା, କୋମଳତା ନଥିଲା। ଏକପ୍ରକାର ହିଂସ୍ର ଆକ୍ରମଣରେ ମୁଁ ଭୟଭୀତ ହୋଇ ଉଠିଲି।

ମୋ ଶରୀର ଆଦୌ ସହଯୋଗ କଲାନି। ମୁଁ ବାଧ୍ୟ ହେଲି, ତାଙ୍କୁ ପ୍ରତିରୋଧ କଲି।

କାନ୍ଦିଲି ଏବଂ ନିଜକୁ ମୁକ୍ତ କରିଆଣିଲି।

ପୁରୁଷ କ୍ରୋଧରେ ଥରି ଉଠିଲେ। କିଛି ଅଶ୍ରାବ୍ୟ ଭାଷାରେ ଗାଳିଦେଲେ। ତାଙ୍କର ଏଭଳି ରୂପ ମୁଁ ସ୍ୱପ୍ନରେ ସୁଦ୍ଧା କଳ୍ପନା କରିନଥିଲି। ଚୁପ୍‌ଚାପ୍ ବସିଥିଲି କାକୁସ୍ଥ ହୋଇ। ସେଇ ଅନ୍ଧାରରେ ମୁଁ ଅନ୍ଧାର।

ଅନେକ ସମୟପରେ ମୁଁ ପ୍ରକୃତିସ୍ଥ ହେଲି ଏକ କୋମଳ ସ୍ପର୍ଶରେ।

'ଶୋଇପଡ'- ସେ ମୋ ପିଠି ଆଉଁସିଦେଲେ। ତାଙ୍କର ଦୀର୍ଘଶ୍ୱାସ ମୁଁ ଶୁଣିପାରିଲି। କେଜାଣି କାହିଁକି, ତାଙ୍କ ଉପରେ ଭରସା କରିବାକୁ ଇଚ୍ଛାହେଲା। ତାଙ୍କ ବାହୁରେ ଭରାଦେଇ ମୁଁ ଶୋଇଗଲି।

ଯେମିତି ବାପାକୋଳରେ ଶୋଇଯାଏ କୁନିଝିଅ।

ଯେମିତି ଅସୁସ୍ଥ ମା'ଟିଏ ଶୋଇଯାଏ ଏବଂ ତା'ର ମଥା ଆଉଁସି ଦେଉଥାଏ ଗେହ୍ଲାପୁଅ। ସେମିତି ମୁଁ ଶୋଇଗଲି ପୁରୁଷଙ୍କ କୋଳରେ ପ୍ରକୃତି ହୋଇ। ସେ ମତେ ଧିରେ ଧିରେ ଥାପୁଡେଇ ଦେଉଥିଲେ।

ବାହାଘରଦିନ ଭୋର୍ ବେଳାରେ ଆମଘର ଛାତ ଉପରେ ଯେଉଁ ଅମୃତ ବର୍ଷାକୁ ଅନୁଭବ କରିଥିଲି, ବନ୍ଦଘର ଭିତରେ ସେଇ ପୁଲକଟି ମୋ ହୃଦୟରେ ଆଉଥରେ ସଞ୍ଚରିଗଲା।

ଗଳି-୭, ୨୩୯୫, ଗୌରୀନଗର, ଭୁବନେଶ୍ୱର-୨

# ବାହାନା

ପ୍ରଥମ ଅସରା

ତମକୁ ନା ଆଉ ପାରିହେବନି। ଯିବା ଯିବା ବୋଲି ଦେଖିଲ ଆସି କେତେ ସମୟ ହେଲାଣି। ତମ ଭଳିଆ ଆମେ ପୁଅପିଲା ହେଇନୁ ଯେ ଯେ ଯାଏ ବୁଲୁଛ ବୁଲ; ଯେତେବେଳେ ଘରକୁ ଫେରୁଛ ଫେର- ଚିନ୍ତା ନାହିଁ। ସେଥିରେ ପୁଣି ପଶ୍ଚିମପଟୁ କଳାହାଣ୍ଡିଆ ମେଘ ଘୋଟେଇଛି; ଯେ କୌଣସି ମୂହୁର୍ତ୍ତରେ ବର୍ଷା ହୋଇପାରେ ଓ ଓଦା କରିପାରେ ଆମକୁ, ଏ ପାର୍କର ଘାସ ଗାଲିଚାକୁ, ସିମେଣ୍ଟ ବେଞ୍ଚକୁ ଏବଂ ଦରୱାନକୁ ବି। ଚାଲ, ଶୀଘ୍ର ଏଠୁ ପଳାଇବା। ଦେଖିଲ, କେହିବି ନାହାନ୍ତି ଏ ପାର୍କରେ ତମ ଆଉ ମୋ ଛଡା। ଦରୱାନ୍‌ଟା ସେଠି ଠିଆହୋଇ ଆମକୁ

କେମିତି ଦେଖୁଛି ଦେଖ। ଏଇଟି କହିଦେଉଛି, ମୋ'ର ଥଣ୍ଡା ଦେହ। କ'ଣ କିଛି ଅସୁବିଧା ହେଲେ ତମେ ବୁଝିବ। ବୋଉ ଭାଆରି ବ୍ୟସ୍ତ ହୁଏ ମୁଁ ବର୍ଷାରେ ଭିଜିଲେ। ତମେ ଗୋଟେ କଥା ଜାଣିଛ? କହିଲ ଦେଖି, ଏମିତି ଟିକେ ଟିକେ ପାଗ ପରିବର୍ତ୍ତନରେ ମୋତେ ଥଣ୍ଡା ଧରିଦିଏ କାହିଁକି? ଜାଣିନ? ତମକୁ କହିଥିଲ ନା କ'ଣ ପରା ଆଗରୁ। ଶୁଣ, ମୁଁ ଯେତେବେଳେ ଜନ୍ମ ହେଲି ନି କି, ସେତେବେଳେ କୁଆଡେ ସାତଦିନ ଧରି ଝଡବର୍ଷା ଲାଗି ରହିଥିଲା ଆମ ଗାଁରେ। ଖାଲି କ'ଣ ଆମ ଗାଁରେ ସାରା ଓଡିଶାରେ। ଆଉ ବୋଉ କହେ, ସେଇଥି ପାଇଁକି ମୋତେ ଥଣ୍ଡାଧରେ ବେଶ୍ ସହଜରେ ଓ ଥରେ ହେଲେ ଛାଡେନି ସାତ ଦିନ ଯାଏଁ।

କ'ଣ କହିଲ, ବର୍ଷାରେ? ହଁ ମୋତେ ଭିଜିବାକୁ ବି ଭାରି ଭଲ ଲାଗେ। କିନ୍ତୁ ଏବେ ନୁହେଁ। ଘରକୁ ଫେରିଲେ ବୋଉ ରାଗିପାରେ ଓ ପାଦରେ ଶୋରିଷତେଲ ଘଷିଦେଇପାରେ। ଓଃ, କହୁ କହୁ ଏଇଯେ ଆରମ୍ଭ ହୋଇଗଲାଣି ବର୍ଷା ଚାଲଚାଲ, ଜଲଦି ଚାଲ।

### ଦ୍ୱିତୀୟ ଅସରା

ମତେ ଦବା ଦରକାର ନାହିଁ। ତମେ ନିଜେ ଆଗ ପୋଛି ହୁଅ। ମୁଁ କ'ଣ ଓଦା ହୋଇଛି କି? ମୁଁ ତ ତୁମକୁ ଜାବୁଡି ତୁମ ପଛପଟେ ବସିଥିଲି କୁଜାହୋଇ। ଯାହା ପାଣି ପଡିଛି ତମଠି। ଇସ୍, ମୋ ଜୀବନ ଯିବ ଯିବ ହେଉଥିଲା। ଏତେ ଯୋର୍‌ରେ ଗାଡି ଚଳାନ୍ତିନା!!! ମୁଁ ତ ଆଗରୁ ତୁମକୁ ଏତେ ଯୋର୍‌ରେ ଗାଡି ଚଳାଇବାର ଦେଖିନି। ଏଇ ଟିକକ ଆଗରୁ କହୁଥିଲି ପରା, ବର୍ଷାରେ ଭିଜିବାକୁ ତୁମକୁ ଭଲଲାଗେ। ତେବେ ତିନ୍ତିବା ଭୟରେ ଏମିତି ବିକଳ ହୋଇ ଗାଡି ଚଳାଉଥିଲ କିଆଁ? ଏବେ କୋଉ ଓଦା ହେଲନି ଯେ। ମୁଁ ଯାହା ବର୍ତିଗଲି। କଣ କହୁଛ, ମୁଁ କହିଲି ବୋଲି ଏମିତି ଆସିଲ? ହଇଓ, ମୁଁ ପରା ଯିବାଯିବା ବୋଲି ଘଣ୍ଟାଏ ହେଲା ଲଗାଇଥିଲି।

ଆରେ ଏଇଟା ତମ ଘର ନା ଅଳିଆ ଗଦା। ଏଇଠି ମଣିଷ ରହନ୍ତି? ଘୁଞ୍ଚତ। ମୁଁ ଟିକେ ସଜାଡିଦିଏ। ଇଃ ମାଁ ଏତେ ଅଳନ୍ଧୁ ଉପରେ। ଆ, ସେଇଥି ପାଇଁ ତୁମ ମୁଣ୍ଡରେ ବିଭିନ୍ନ ପ୍ରକାର ଦୁଶ୍ଚିନ୍ତା। ବୋଉ କହୁଥିଲା, ଘରେ ଅଳନ୍ଧୁ ରହିଲେ ଦୁଶ୍ଚିନ୍ତା ବଢେ, ଲକ୍ଷ୍ମୀ ରହନ୍ତିନି। ମୁଁ ଯାହା ଦେଖୁଛି, ତୁମ ଘରକୁ ସ୍ତ୍ରୀ ଲୋକଟିଏ ନିହାତି ଦରକାର। କଣ କହିଲ, ମୁଁ? ଆରେ ବାବା। ଏଇନା କଲେଜ ଆସିବା ବାହାନାରେ ଯାହାଟିକେ ମିଶିପାରୁଚି ତମ ସହ। ଯଦି ତୁମକଥା ଘରେ କହିଲି, ଜାଣିଥ ମୋ'ର ବାହାରକୁ ଆସିବା ବି ବନ୍ଦ ହୋଇଯିବ। ଦେଖିଲ

ଦେଖିଲ, ବର୍ଷାଟା ଛାଡିଗଲାଣି ନା କ'ଣ!

କ'ଣ ପଚାରିଲି? ଛିଃ, ଦୁଷ୍ଟ! ଝିଅ ମାନଙ୍କୁ ଏ ସବୁ ପଚାରନ୍ତିନା? ଯେତେ ସବୁ ଖରାପ କଥା ତୁମର। ମତେ ଦେଖି କଣ କିଛି ଜାଣିପାରୁନ? କୋଉଦିନ ଜାଣିକି କଣ କରିବ? ମୋତେ ସେତେବେଳେ ଚଉଦ ବର୍ଷ ହୋଇଥିଲା। ଆଉ ସେତେବେଳେ ବି ଏମିତି ଯୋର୍ ଲଗାଣ ବର୍ଷା ହେଉଥିଲା। ମୋ'ବୋଉ ସାତଦିନଠି ଗୋଟେ ଭୋଜି ଆୟୋଜନ କରିଥିଲା ଯେ ବର୍ଷା ଯୋଗୁଁ ମୋ' ସାଙ୍ଗମାନେ କେହି ବି ଆସିନଥିଲେ।

ଆରେ ପୁଣିଥରେ ବର୍ଷା ଆରମ୍ଭ ହୋଇଗଲା ନା କଣ! ଓହ:।

### ତୃତୀୟ ଅସରା

ମଲା ଆଜି ମଣିଷ। ତମ କଥାରେ ପଡି ମୁଁ ଆଜି ଘରେ ଶୋଧା ଶୁଣିବି। ଆରେ ହେଃ, ଦେଖ ସମୟ ଆସି କେତେ ହେଲାଣି। ପାଞ୍ଚଟା! ଅନ୍ଧାର ହେଇ ଆସିଲାଣି। ଆଉ ଅଧଘଣ୍ଟାପରେ ଶେଷ ବସ୍। ଛାଡିଯା ପ୍ରଭୂ, ଛାଡିଯା ପ୍ଲିଜ୍।

ଏଇଟି, ଏ ଅସରାଟା ଛାଡିଗଲେ ମତେ ନେଇ ବସ୍‌ଷ୍ଟାଣ୍ଡରେ ଛାଡିଦେଇ ଆସିବ। ଶେଷ ବସ୍ ଗଲେ, ସବୁ ଗଲା। ଜାଣିଥା।

କ'ଣ କହିଲ, ରହିଯିବି, ପୁଣି ତୁମ ପାଖରେ? ମୋ' ବୋଉକୁ ତୁମେ ଜାଣିନ। ବଡ ସନ୍ଦେହୀ। ଗଲା ରବିବାର କଣ ହେଲାନା, ତମେ ଯୋଉ ଚିଠିଟା ଦେଇଥିଲ, ସେଇଟା ମୁଁ

ଦ୍ୱିତୀୟ ବର୍ଷ
ନବମ ସଂଖ୍ୟା
Vol: 2 Issue: 9
October, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ଆହ୍ୱାନ

କେମିଷ୍ଟ୍ରି ବହି ଭିତରେ ରଖିଦେଇ ଗାଧୁଆଘରକୁ ଟିକେ ଯାଇଛି, ଏତିକି ବେଳେ ବୋଉମତେ ଖାଇବାପାଇଁ ଡାକିବାକୁ ଆସିଲା ଓ ଖଟ ଉପରେ ଏଣେତେଣେ ପଡିଥିବା ବହିକୁ ସଜାଡି ଦେଉ ଦେଉ ତା'ହାତରେ ପଡିଲା ସେଇ ଚିଠିଟା। ଭାଗ୍ୟଭଲ, ତମେ ଚିଠିଟା ଗୋଟେ ପ୍ରେସ୍କ୍ରିପ୍‌ସନ୍ ପଛରେ ଲେଖିଥିଲ। ସେଇ ପ୍ରେସ୍କ୍ରିପ୍‌ସନ୍ ଉପରେ ବୋଉ ଆଖି ବୁଲଉଛି ତ ମୁଁ ବାହାରି ଆସି ତା'ଠୁ ସେଇଟା ଭିଡିନେଇ ଫାଙ୍କିଦେଲି ଯେ ଏଇଟା ମୋ ସାଙ୍ଗ ରୀତାର, ସେ ଆଜି କଲେଜରେ ବହୁତ ଖୋଜିଲା। ଓ ମିଛରେ ଆଶ୍ଚର୍ଯ୍ୟ ହେଲି କେମିତି ସେଇଟା ମୋ ପାଖରେ ରହିଗଲା। ତଥାପି ବୋଉ ଦି'ଘଣ୍ଟାଯାଏଁ ଖୋଳତାଡ 'ରୀତା କିଏ? ତା'ର କଣ ହୋଇଛି? ସେ କାହିଁକି ପ୍ରେସ୍କ୍ରିପ୍‌ସନ୍ ଧରି ବୁଲୁଛି? ପୁଣି ସେଇଟା ତୋ ପାଖକୁ ଆସିଲା କେମିତି ଇତ୍ୟାଦି ଦୁନିଆ ଯାକର ପ୍ରଶ୍ନ।

କ'ଣ? କହିବି, ସାଙ୍ଗ ପାଖରେ ଥିଲି? ସେ ପୁଣି ପଚାରିବ, କୋଉ ସାଙ୍ଗ, ତା'ଘର କୋଉଠି, କ'ଣ ପାଇଁ ଥିଲୁ, ଦେ ତା' ଫୋନ୍ ନମ୍ବର। ନାଇଁ, ବାବା ନାଇଁ। ମୁଁ ଦେଖୁଛି, ବର୍ଷା ସହ ମୋର ଗୋଟେ ନିବିଡ ସଂପର୍କ। ମୋ'ର ସବୁ ଆରମ୍ଭରେ ବର୍ଷା। ଏଇ ଦେଖୁନ, ତୁମ ଘରକୁ ପ୍ରଥମଥର ଆସିଲି ଯେ ବର୍ଷା।

ବର୍ଷା ଟିକେ ଛାଡିଲା ବୋଧେ। ଚାଲ। ଆଉ ଡେରି କରନି, ପନ୍ଦର ମିନିଟ୍ ବାକି ରହିଲା ବସ୍ ଛାଡିବାକୁ। କ'ଣ କହିଲ, ୟା'ପରେ ପୁଣି ଅସରାଏ ବର୍ଷା ହୋଇପାରେ? ଉଁ: ତୁମେ ତ ସର୍ବଜ୍ଞ!!

ଆରେ ଆରେ, ୟେ କଣ କରୁଛ? ନା ନା, ଛାଡ, ଛାଡିଲ ମୋ ହାତ! ଏଇ, ଏମିତି କ'ଣ? ଦୁଷ୍ଟ ଛାଡ। ଛାଡ ମୋତେ

ଏଲ୍-୩/ ୧୦୨, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର

Contribute all your articles and poems for publication in Aahwaan every month.

# ଅବଶ୍ୟ

ପ୍ରଥମରେ ତୁମେ ହିଁ କହିଥିଲ
ଦେବ ବୋଲି ଦିନଟିଏ
ମୋ ସ୍ମୃତିରେ ସାଇତି ରଖିବା ପାଇଁ
ଭୁଲିଗଲ କିମ୍ବା ଭୁଲିବାର
ଖୁବ୍ ସୁନ୍ଦର ଅଭିନୟ କଲ
ଠିକ୍ ଅଛି ବାଡୁଅ ଝିଅଟେ
ଅଜଣା ପୁରୁଷ ସହିତ
ଏକାନ୍ତରେ ବା କାହିଁକି ମିଶିବ
ସମାଜକୁ ଡରିବା ସ୍ୱାଭାବିକ
ଅବଶ୍ୟ ଭଲ ପାଉଥିଲ ବୋଲି କହିଥିଲ।

ତୁମେ ହିଁ ତ ବିବାହର
ଆଇନଗତ ସଜ୍ଞା ଶିଖାଇଥିଲ
ସାତଥର ହୁ ହୁ ହୋଇ ଜଳୁଥିବା ନିଆଁ
ଚାରିପାଖରେ ବୁଲିବାର ଅର୍ଥ ବୁଝାଇଥିଲ।
ମୋ ମନରେ ନିଆଁ ଲଗାଇ
ନିଜେ ବାହା ହୋଇଗଲ
ମୁଁ ବରଯାତ୍ରୀରେ ନଥିଲି
କନ୍ୟାଯାତ୍ରୀରେ ରହିପାରିଲି ନାହିଁ
ଅବଶ୍ୟ ତୁମେ ବାହାହେବ ବୋଲି କଥା ଦେଇଥିଲ।

ଭଲପାଇବା ସହଜ ନୁହେଁ
ସମାଜକୁ ସାମନା କରିବାର ସାହାସ
ତୁମେ ହିଁ ତ ମୋତେ ଦେଇଥିଲ,
ସମାଜକୁ ସାମନା କରିବା ବେଳକୁ
ହାତ ଛାଡି ପଛକୁ ଚାଲିଗଲ
ସାମନାର ଉତ୍ତପ୍ତ ତାତିକୁ ସହ୍ୟକରି

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଦ୍ୱିତୀୟ ବର୍ଷ
ନବମ ସଂଖ୍ୟା
Vol: 2 Issue: 9
October, 2007

ବର୍ତ୍ତମାନ ଏକ ନୂଆ
ରୂପରେ ଏବଂ ନୂଆ
ବେଶରେ: ପ୍ରତ୍ୟେକ
ମାସରେ ଅବଶ୍ୟ ପଢନ୍ତୁ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଆହ୍ୱାନ

ତୁମର ଶୀତଳ ଛାୟାକୁ ଆଶା କରିଥିଲି
ଅବଶ୍ୟ, ମୋ ସହ ଛାଇପରି
ସବୁବେଳେ ରହିବ ବୋଲି କହିଥିଲ।

# ବର୍ଷା ତୁମେ ଫେରିଯାଅ

ସନତା ମା'ର ପଣତ କାନିରେ
ଛଟପଟ ହେଉଥିବା
ଛୋଟ ଛୋଟ ଆଙ୍ଗୁଠି ପରାଏ ମାଛ

ବାଡିପାଖ ଗଡିଆରୁ ଭାସି ଆସିଥିବା
ଦି କିଲିଆ ରୋହିର ତେଲଦିଆ ଭଜା
ବାସ୍ନା ସାହିରେ କଂପୁଛି

ଅଣ୍ଟା ସରିକି ଧୋଟି ଟେକିଦେଇ
ପୁରୋହିତେ ବାଟ କାଟିକାଟି ଚାଲୁଚାଲୁ
ରଇତ ଘର ସାମନାରେ କଚାଡି ପଡିଲେଣି

ଦି ଦିନ ହେବ ଧୋବାଓଡିଆର
ଛୋଟ ଛୋଟ ଦିଟା ପିଲା ଭୋକରେ
ଆଉଟୁ ପାଉଟୁ ହେଲେଣି ସିନା ବର୍ଷା ଛାଡୁନି

ଧାନ କ୍ଷେତରେ ପାଣି ପଶିଲା
ମାଧିଆ ନନା ଛାତିରେ ଛନକା ପଶି
ପ୍ରାଣଟା ବାୟୁ ପରାଏ ଉଡିଲାଣି

ଡକାହକା କଲେ ବି କେହି ଦିଶିଲେନି
ପାଣିରେ ସାପ ନ ଥିବ କିଏ କହିବ
ଆଉ କେଇଜଣ ମରିବେ ହିସାବ କିଏ ରଖିବ

ବର୍ଷାର ଅସରନ୍ତି ଝରଝର ପାଣି
ଅଣ୍ଟିକାଟି ବଡ କରିଥିଲା ସିନା
ମାଧିଆ ବି ନିରୁପାୟ ଏକା ଏକା

ବାପାର ଶବକୁ ନେଇ ପୋଡିବ
ନା ନଈର ଗହୀର ପାଣି ସୁଅରେ
ଭସାଇ ଦେଇ କାର୍ଯ୍ୟ ସାରିବ

ଅସ୍ଥି ଦିଖଣ୍ଡ ଧରି ରଖିଲେ କି ହେବ
ସେଇ ନଈ ପାଣିରେ ତ ପୁଣି କେବେ ମିଶିବ
ଗଙ୍ଗା ନହେଲା ଗାଁ ନାଳର ପାଣି ର ସଫା ଦିଶୁଛି

ବିଧାତା ଟିକେ ରହିଯା ପିଲାଟା ମତ ବୋହୁଛି
ଦାଣ୍ଡ ଦୁଆରୁ ଶଗଡ ଉପରେ ଶୁଆଇ
ବାଟ କାଡି କାଡି ନେଉଛି

ଦୁଲ୍ କରି ନଈ ସୁଅରେ ଭସାଇ ଦେଲା
ବାରଦିନ କରିବାର ଆଉ ଜୁ ନାହିଁ
କିଏ ଆସିବ ବର୍ଷାରେ ପାଲୁଅ ଦିମୁଠା ଖାଇବ

ବନ୍ୟାରେ ମଲା ବୋଲି ପାଟି କରୁଛି
କ୍ଷତି ପୁରଣ ପାଇବ ବୋଲି ସକାଳ ପହରୁ
ବିଡିଓ ଅଫିସ ବାରଣ୍ଡାରେ ଟହଲ ମାରୁଛି

ତଥାପି ଧାର ଧାର ନୀର ଆକାଶରୁ ଝରୁଛି
ସତେକି ଆକାଶରେ କିଏ ଜଣେ ବନ୍ୟାରେ
ମରିଯାଇଛି ଅବା ହଜି ଯାଇଛି।

ଡା ଜ୍ୟୋତି ପ୍ରସାଦ, ସଂପାଦକ

ଡା ଜ୍ୟୋତି ପ୍ରସାଦ ପଟନାୟକଙ୍କ ପ୍ରତ୍ୟକ୍ଷ୍ୟ ତତ୍ତ୍ୱାବଧାନରେ ସଂପାଦିତ ଓ ପ୍ରକାଶିତ